ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.24, Bhubaneswar Saturday, February 29, 2020 | ୨୩ତମ ବର୍ଷ ସଂଖ୍ୟା–୨୪ ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୯, ୨୦୨୦ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹.50 | (Air Surcharge - 0.50P) | Member-INS

୨୪ତମ ପୂର୍ବାଂଚଳ ଆଂଚଳିକ ପରିଷଦ ବୈଠକ

ଓଡିଶାକୁ ସ୍ୱତନ୍ତ୍ର ଫୋକସ ଷ୍ଟେଟ ମାନ୍ୟତା ଦିଆଯାଉ : ନବୀନ

ଭୁବନେଶ୍ୱର,(ପିଏନ)- ଓଡିଶାକୁ ସ୍ୱତନ୍ତ ଫୋକସ ଷ୍ଟେଟ ଭାବେ ମାନ୍ୟତା ଦେବା ସହ ପୂର୍ବାଂଚଳ ରାଜ୍ୟର ଭିତିଭୂମିର ବିକାଶ ପାଇଁ ସ୍ୱତନ୍ତ ଆର୍ଥିକ ପ୍ୟାକେଜ ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି । ସ୍ଥାନୀୟ ଲୋକସେବା ଭବନରେ ଆୟୋଜିତ ୨୪ତମ ପୂର୍ବାଂଚଳ ଆଂଚଳିକ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦାବି କରିଛନ୍ତି ।

ସେ ଆହୁରି କହିଛନ୍ତି ଯେ ଯଦି ରାଷ୍ଟ୍ରୀୟ ହାର ସହିତ ପୂର୍ବାଂଚଳ ରାଜ୍ୟ ଗୁଡିକରେ ବ୍ୟାଙ୍କ ଶାଖା, ଟେଲି ଯୋଗାଯୋଗ ଓ ରେଳ ଓ ସଡକର ଘନତ୍ୱକୁ ନେଇ ବିଶ୍ଳେଷଣ କରା ଯିବ ତେବେ ଦେଖା ଯିବ ଯେ ପୂର୍ବାଂଚଳ ରାଜ୍ୟ ଗୁଡିକରେ ଏହା କମ ରହିଛି । ତେଣୁ ଏହି ଅଂଚଳକୁ ଦିଆ ଯାଉଥିବା ଆର୍ଥିକ ଆବଂଟନକୁ ଦୁଇ ଗୁଣ କରା ଯିବା ଆବଶ୍ୟକ ଯଦ୍ୱାରା ଏହି ଅଂଚଳ ରାଷ୍ଟ୍ରୀୟ ହାର ସହ ସମାନ ହୋଇ ପାରିବ ବୋଲି ସେ କହିଛନ୍ତି । ସେହିପରି ୨୦୧୨ କୋୟଲା ରୟାଲଟି ବୃଦ୍ଧି ହୋଇ ନାହିଁ । ସେ କୋଇଲା ରୟାଲିଟି ବୃଦ୍ଧି କରିବାକୁ ଦାବି କରିଛନ୍ତି । ପୂର୍ବାଂଚଳ ରାଜ୍ୟର ଭିତିଭୂମିର ବିକାଶ ପାଇଁ ସ୍ୱତନ୍ତ ଆର୍ଥିକ ପ୍ୟାକେଜ ଘୋଷଣା କରିବାକୁ ସେ ଦାବି କରିଛନ୍ତି ।

ସେ କହିଛନ୍ତି ଯେ ଓଡିଶା ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଧନଜୀବନ ହରାଉଛି । ତେଣୁ ପ୍ରାକୃତିକ ବିପର୍ଯ୍ୟୟ ଓ ବିପଦ ଶଙ୍କୁଳତାକୁ ମାପ କାଠି ଭାବେ ନେଇ ରଖି ଓଡିଶାକୁ ସ୍ୱତନ୍ତ ଫୋକସ ଷ୍ଟେଟ ଭାବେ ମାନ୍ୟତା ଦେବା ପାଇଁ ସେ ଦାବି କରିଛନ୍ତି । ସେ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ହୋ, ଭୂମିଜ ଓ ମୁଣ୍ଡାରୀ ଭାଷାକୁ ସାମିଲ କରିବାକୁ ଦାବି କରିଛନ୍ତି । ଫନି ସହାୟତା ପାଇଁ ସେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଧାନ ସଂଗ୍ରହ ସବସିଡି ମିଳିବାରେ ବିଳମ୍ବ ହେଉଥିବାରୁ ସେ ଉଦବେଗ ପ୍ରକାଶ କରିଥିଲେ । ଏହା ଫଳରେ ଓଡିଶାର ଚାଷୀମାନେ ହଇରାଣ ହେଉଥିବା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ପୌରସଂସ୍ଥା ମାନଙ୍କୁ ଯେଉଁ ଅନୁଦାନ ମିଳିବା କଥା ସେଥିରେ ବିଳମ୍ବ ହେଉଥିବାରେ ସେ ଚିନ୍ତା ବ୍ୟକ୍ତ କରିଛନ୍ତି ।

ରାଜ୍ୟ ସରକାର ରେଳର ଭିତିଭୂମିର ବିକାଶ ପାଇଁ ମାଗଣାରେ ସରକାରୀ ଜମି ଯୋଗାଇ ଦେବା ସହ ରେଳ ପ୍ରକଳ୍ପ ବ୍ୟୟ ଅଟକଳର ୫୦ ପ୍ରତିଶତ ଅର୍ଥ ବହନ କରୁଛି । ଏହା ସତ୍ତ୍ୱେ କାର୍ଯ୍ୟର ଅଗ୍ରଗତି ହେଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ ଜାତୀୟ ସଂହତି ସ୍ଥାପନା କରିବା, ରାଜ୍ୟ – ରାଜ୍ୟ ମଧ୍ୟରେ ଓ ରାଜ୍ୟ କେନ୍ଦ୍ର ମଧ୍ୟରେ ସୁସମ୍ପର୍କ ହେଇଛି ଜୋନାଲ କାଉନସିଲ ବୈଠକର ମୁଖ୍ୟ ଲକ୍ଷ୍ୟ । ବିତୀୟ, ଭିତିଭୂମିଗତ ତଥା ଟେକ୍ନୋଲଜୀରେ ସଂହତିର ଆବଶ୍ୟକତା ରହିଛି ଯାହା ଦ୍ୱାରା ଭାବନାତ୍ମକ ସଂହତି ସ୍ଥାପିତ ହୋଇ ପାରିବ ବୋଲି ସେ କହିଛନ୍ତି ।

ବୈଠକରେ ଉପସ୍ଥିତ ଅତିଥି ମାନଙ୍କୁ ଶ୍ରୀ ପଟ୍ଟନାୟକ ସ୍ୱାଗତ କରିବା ସହ ବୈଠକ ପାଇଁ ଭୁବନେଶ୍ୱକୁ ବାଛିଥିବାରୁ ସେ ଧନ୍ୟବାଦ ଜଣାଇଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁରୂପ ପୂର୍ବକ୍ଷେତ୍ରର ତ୍ୱରିତ ବିକାଶ ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା : ଶାହା

ଭୁବନେଶ୍ୱର,(ପିଏନ)- କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଦିନ ଭୁବନେଶ୍ୱରର ଲୋକସେବା ଭବନଠାରେ ପୂର୍ବ ଆଂଚଳିକ ପରିଷଦର ୨୪ତମ ବୈଠକରେ ଅଧକ୍ଷତା କରିଛନ୍ତି । ଏହି ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିହାରର ମୁଖ୍ୟମନ୍ତ୍ରୀ ନିତୀଶ କୁମାର, ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଓ ଝାଡ଼ଖଣ୍ଡର ଅର୍ଥମନ୍ତ୍ରୀ ରମେଶ ଓରାଓ ଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ । ଏହି ବୈଠକକୁ ସମ୍ବୋଧିତ କରି ଶ୍ରୀ ଶାହା କେନ୍ଦ୍ର-ରାଜ୍ୟ ଓ ରାଜ୍ୟ-ରାଜ୍ୟ ସମ୍ପର୍କୀୟ ପ୍ରସଂଗ ଗୁଡ଼ିକରେ ସହମତି ଜରିଆରେ ସମାଧାନ ବାହାର କରିବା ପାଇଁ ଏହା ଏକ ସାର୍ଥକ ବୈଠକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁରୂପ ବିଚାର ଆଲୋଚନା ପରେ ଦେଶର ସଂଘୀୟ ଢ଼ାଂଚାକୁ ଆହୁରି ମଜଭୁତ କରିବା ପାଇଁ ସର୍ବସମ୍ମତିକ୍ରମେ କରାଯାଇଥିବା ନିଷ୍ପତି ଗୁଡ଼ିକୁ ଲାଗୁ କରାଯିବା ଆବଶ୍ୟକ । ସେ କ୍ଷେତ୍ରୟ ପରିସର ପ୍ରଣାଳୀର ଉପଯୋଗିତା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ ଓ କହିଥିଲେ ଯେ, ୭୦ ପ୍ରତିଶତରୁ ଅଧିକ ପ୍ରସଙ୍ଗର ସମାଧାନ କ୍ଷେତ୍ରୀୟ ପରିଷଦର ବୈଠକ ମାନଙ୍କରେ ହୋଇଛି । ସେ ଅଶାପ୍ରକାଶ କରିଥିଲେ ଯେ, ବଳକା ପ୍ରସଂଗ ଗୁଡ଼ିକ ମଧ୍ୟ ସହମତି ଆଧାରରେ ସମାଧାନ ହୋଇପାରିବ ।ପରିଷଦରେ ଉପର ମହାନନ୍ଦା ଜଳ ଯୋଜନାରେ ୧୯୭୮ ମସିହାରେ ବିହାର ଓ ପଶ୍ଚିମବଙ୍ଗ ମଧ୍ୟରେ ହସ୍ତାକ୍ଷର ହୋଇଥିବା ଫୁଲୱାରୀ ବନ୍ଧ ସମ୍ପର୍କୀୟ ବିଷୟ ଓଡ଼ିଶାର ନୂଆପଡ଼ା, ଗୁଣୁପୁର, ଥେରୁବାଲି ରେଳ ଲିଙ୍କ ପ୍ରକଳ୍ପର ବିସ୍ତାର, ବିହାର ଓ ଝାଡ଼ଖଣ୍ଡ ମଧ୍ୟରେ ପେନସନ ଦାୟିତ୍ୱର ନିର୍ଦ୍ଧାରଣ, ଭାରତ ସରକାରଙ୍କର କୋଇଲା କମ୍ପାନୀ ଗୁଡ଼ିକ ଦ୍ୱାରା ରାଜ୍ୟ ସରକାରଙ୍କ ଭୂମିର ବ୍ୟବହାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କେନ୍ଦ୍ରୀୟ ପିଏସୟୁ ଦ୍ୱାରା ଭୂମି ହସ୍ତାନ୍ତରୀକରଣ, ଶିଶୁ ଓ ମହିଳାଙ୍କ ବିରୁଦ୍ଧରେ ଯୌନ ଉତ୍ପୀଡ଼ନ ମାମଲାର ତୁରନ୍ତ ଯାଂଚ ସମ୍ପର୍କିତ ପ୍ରସଂଗ, ଭାରତ ବଙ୍ଗଳାଦେଶ ସୀମା ଉପରେ ଗୋବଂଶର ଚୋରା ଚାଲାଣ, ଓଡ଼ିଶାରେ ଦୂର ସଂଚାର ଓ ବେଙ୍କିଙ୍ଗ କନେକଟିଭିଟି କମ୍ ରହିବା, ଓଡ଼ିଶାରେ ଗଂଜେଇ ଓ ଭାଂଗର ବେଆଇନ ଚାଷ ବେପାର, କୋଇଲା ରୟାଲଟିର ସମୀକ୍ଷା, ପେଟ୍ରୋଲିମୟ ପ୍ରକଳ୍ପ ପାଇଁ ଭୂମି ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଆଜି ମୋଟ ୪୮ଟି ବିଷୟ ଉପରେ ଆଲୋଚନା କରାଗଲା । ତନ୍ମଧ୍ୟରୁ ୪୦ ଅର୍ଥାତ୍ ୮୩ ପ୍ରତିଶତର ସମାଧାନ ବୈଠକରେ ବାହାର କରାଗଲା । ଶ୍ରୀ ଅମିତ୍ ଶାହା କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟକୋଣ ଅନୁରୂପ ପୂର୍ବକ୍ଷେତ୍ରର ତ୍ୱରିତ ବିକାଶ ଉପରେ ଅଧିକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ।

ଏସଏନ ଶ୍ରୀବାସ୍ତବ ଦିଲ୍ଲୀର ନୂତନ ପୋଲିସ କମିଶନର ନିଯୁକ୍ତ

ନୂଆଦିଲ୍ଲୀ,(ପିଏନ)- ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଦିଲ୍ଲୀରେ ଘଟିଯାଇଥିବା ହିଂସାକାଣ୍ଡ ପରେ ସ୍ପେଶାଲ୍ ପୋଲିସ କମିଶନର (ଆଇନ ଶୃଙ୍ଖଳା) ଭାବେ ନିଯୁକ୍ତ ଏସ.ଏନ. ଶ୍ରୀବାସ୍ତବଙ୍କୁ ଦିଲ୍ଲୀର ନୂତନ ପୋଲିସ କମିଶନର ଭାବେ ଅବସ୍ଥାପିତ କରାଯାଇଛି । ଗୃହ ମନ୍ତ୍ରାଳୟ ପକ୍ଷରୁ ଏକ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି । ଗୃହ ମନ୍ତ୍ରାଳୟ ପକ୍ଷରୁ ଜାରୀ କରାଯାଇଥିବା ଏହି ଟ୍ୱଟ୍ ରେ କୁହାଯାଇଛି ଯେ, ଏସଏନ ଶ୍ରୀବାସ୍ତବ ପୂର୍ବରୁ ଦିଲ୍ଲୀର ସ୍ପେଶାଲ କମିଶନର ପଦରେ ଅଧିଷ୍ଠିତ ଅଛନ୍ତି । ସେ ଆସନ୍ତା ମାର୍ଚ୍ଚ ୧ ତାରିଖ ଠାରୁ ପୋଲିସ କମିଶନର ଭାବେ କାର୍ଯ୍ୟଭାର ଗ୍ରହଣ କରିବେ । ୧୯୮୫ ବ୍ୟାଚ୍ ର ଭାରତୀୟ ପୋଲିସ ସେବା (ଆଇ.ପି.ଏସ) ଏସଏନ ଶ୍ରୀବାସ୍ତବଙ୍କ ଏହି ନୂତନ କାର୍ଯ୍ୟକାଳ ମାର୍ଚ୍ଚ ୧ ତାରିଖ ଠାରୁ ଆରମ୍ଭ ହେବ । ଦିଲ୍ଲୀର ବର୍ତମାନର ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କ କାର୍ଯ୍ୟକାଳ ଜାନୁଆରୀ ୩୧ ତାରଖରେ ସମାପ୍ତ ହେବ ।

'କଂଗ୍ରେସ ରାଜଧର୍ମର ପାଠ ନପଢାଉ'

ନୂଆଦିଲ୍ଲୀ, ୨୮ ଫେବୃଆରୀ (ହି.ସ.)- ଭାରତୀୟ ଜନତା ପାର୍ଟି (ଭାଜପା) ସିଧାସଳଖ ଭାବେ କଂଗ୍ରେସର ନେତୃତ୍ୱ ଓ ଗାନ୍ଧି ପରିବାରକୁ ଟାର୍ଗେଟ୍ କରି କହିଛି ଯେ, ନାରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ଲୋକଙ୍କ ମଧ୍ୟରେ ଉତେଜନା ବଢ଼ାଇବା ଭଳି ରାଜଧର୍ମର ପାଠ ନପଢାଉ କଂଗ୍ରେସ । ପାର୍ଟି ପକ୍ଷରୁ କୁହାଯାଇଛି ଯେ, କଂଗ୍ରେସ ରାଜଧର୍ମ ନାମରେ ଦିଲ୍ଲୀରେ ଲୋକଙ୍କୁ ଉସୁକାଇଛି ଏବଂ ଉତେଜନାକୁ ବଢ଼ାଇଛି ଏବଂ ବର୍ତମାନ ସେ ରାଜଧର୍ମର ପାଢ ପଢ଼ାଇବାର ପ୍ରଚେଷ୍ଟା କରୁଛି ।

ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର ଦିନ ପାର୍ଟି ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଥିଲେ ଯେ, ଦିଲ୍ଲୀରେ ଘଟିଯାଇଥିବା ହିଂସାକୁ ନେଇ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି ଗୁରୁବାର ଦିନ ରାଷ୍ଟ୍ରପତି ଭବନକୁ ଯାଇଥିଲେ । କିନ୍ତୁ, ସେ ନିଜେ, କଂଗ୍ରେସର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧି ଏବଂ ମହାସଚିବ ପ୍ରିୟଙ୍କା ଗାନ୍ଧି ଯେଉଁଭଳି ବୟାନ ଦେଇଛନ୍ତି ତାହା କିପରି ଥିଲା । ସେ କହିଥିଲେ ଯେ, ଏହା କି ପ୍ରକାର ରାଜତନ୍ତ୍ର ସୋନିଆ ତା'ର ଉତର ରଖିବା ଆବଶ୍ୟକ । ଆହୁରି ମଧ୍ୟ ସେ କହିଥିଲେ ଯେ, ସୋନିଆ ଗାନ୍ଧି ଦିଲ୍ଲୀର ରାମଲୀଳା ମୈଦାନରେ 'ଆର୍ ୟା ପାର୍' କଥା କହିଥିଲେ , ଏହା କି ପ୍ରକାର ରାଜଧର୍ମ ଥିଲା ।

ସିଙ୍ଗିଲ୍ ୱିଣ୍ଡୋ କର୍ତୁପକ୍ଷଙ୍କ ଦ୍ୱାରା ୨ଟି ପୁଞ୍ଜିନିବେଶ ପ୍ରକଳ୍ପ ଅନୁମୋଦନ

ଭୁବନେଶ୍ୱର, (ପିଏନ)-ରାଜ୍ୟରେ ଶିଳ୍ପ ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ଅସୀତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସିଙ୍ଗିଲ୍ ୱିଣ୍ଡୋ କର୍ତୁପକ୍ଷ ବୈଠକରେ ୨ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇଛି । ଏହି ପ୍ରକଳ୍ପ ଗୁଡିକ ମାଧ୍ୟମରେ ରାଜ୍ୟରେ ଅଧିକ ୫୬୩.୬୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବାସହ ୧୨୭୩ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରାଜ୍ୟ ଲୋକସେବା ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ପ୍ରସ୍ତାବିତ ପ୍ରକଳ୍ପ ଗୁଡିକ ବିଷୟରେ ସବିଶେଷ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଆଜି ବୈଠକରେ ଗ୍ଲେନ୍ ଇଣ୍ଡଷ୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍ କଂପାନୀର ୬୩.୬୦ କୋଟି ଟଙ୍କାର ନିବେଶ ପ୍ରକଳ୍ପ ଅନୁମୋଦିତ ହୋଇଥିଲା । ଏହି ନିବେଶରେ ପାରାଦ୍ୱୀପ ପ୍ଲାଷ୍ଟିକ୍ ପାର୍କରେ ପ୍ଲାଷ୍ଟିକ୍ ଫୁଡ୍ କ ନର ଏବଂ ମଲ୍ଡୁଡେଡ୍ କାଗଜ ଦ୍ରବ୍ୟ ଉତ୍ପାଦନ ପ୍ଲା ପ୍ରତିଷ୍ଠା ହେବ ଏବଂ ୨୭୩ ଜଣଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ଅନୁଗୁଳ ଆଲୁମୁନିଅମ୍ ପାର୍କରେ ଜିନ୍ଦଲ ଆଲୁମୁନିଅମ୍ କଂପାନୀଙ୍କ ତରଫରୁ ବାର୍ଷିକ ୭୫୦୦୦ ମାଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଆଲୁମୁନିଅମ୍ ଏକ୍ସଟ୍ରୁସନ କାରଖାନା ପ୍ରତିଷ୍ଠା ପ୍ରସ୍ତାବ ମଧ୍ୟ ଅନୁମୋଦିତ ହୋଇଥିଲା । ଏଥିରେ ୫୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ ଏବଂ ୧୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦ୍ୟୋଗୀ ମାନଙ୍କ ନିମନ୍ତେ ଯୋଗାଯୋଗ ପରିଚାଳକ ମୁତୟନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଇପିକଲ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପ ଗୁଡିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ଅନୁମତି ଓ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରିତ ତଥା ସୁଗମ କରିବା ନିମନ୍ତେ ମଧ୍ୟ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୱେବ୍ ପୋର୍ଟାଲ୍ ମାଧ୍ୟମରେ ଶିଳ୍ପ ବିଭାଗରୁ ଯାଉଥିବା ବିଭିନ୍ନ ପୁଞ୍ଜି ନିବେଶ ପ୍ରକଳ୍ପ ସମ୍ବନ୍ଧିତ ଅନୁମୋଦନ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅପ୍‌ଲୋର୍ଡ କରିବା ପାଇଁ ମଧ୍ୟ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଓ ଜଳର ବାସ୍ତବ ଆକଳନ କରିବା ନିମନ୍ତେ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ପ୍ରକାର ଶିଳ୍ପ ପାଇଁ ଆବଶ୍ୟକ ଜମିର ଏକ ନିର୍ଦ୍ଦିଷ୍ଟ ମାନକ ନିର୍ଦ୍ଧାରଣ ପାଇଁ ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ ମୀନା, ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଇଡ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ପ୍ରଦ୍ୟୁଷଣ ବୋର୍ଡ ସଚିବ ସଦସ୍ୟ ଶ୍ରୀ ଦେବିଦ ବିଶ୍ୱାଳ ଏବଂ ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଡ଼ଃ ନିତିନ୍ ଜାଓ୍ୱାଲେ ଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଇପିକଲ୍ ମୁଖ୍ୟ ପରିଚାଳକ ଶ୍ରୀ କଲ୍ୟାଣ ମହାନ୍ତି ପ୍ରକଳ୍ପ ସମ୍ବନ୍ଧିତ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

୫ ବର୍ଷିୟା ଶିଶୁକନ୍ୟାକୁ ଗଣଦୁଷ୍କର୍ମ ଅଭିଯୋଗ

ମୁଖ୍ୟ ଅଭିଯୁକ୍ତ ଗିରଫ, ୪ ଅଟକ

ପଟ୍ଟାମୁଣ୍ଡାଇ, (ପିଏନ)- କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ନିମପୁର ଶାସନ ଗ୍ରାମରେ ଏକ ୫ ବର୍ଷିୟା ଶିଶୁକନ୍ୟା ଗଣଦୁଷ୍କର୍ମର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ପଟ୍ଟାମୁଣ୍ଡାଇ ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ନିଲୁ ମଲିକ (୨୮)କୁ ଗିରଫ କରିବା ସହ ମାମଲାରେ ଜଡ଼ିତ ଅନ୍ୟ ୪ ଜଣଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି ।

ଶିଶୁକନ୍ୟାର ମାଆଙ୍କ ଅଭିଯୋଗ ଅନୁସାରେ, ଆଜି ଭୋର୍ ପ୍ରାୟ ୫ଟା ସମୟରେ ସେ ବିଛଣାରୁ ଉଠି ବାସନ ମାଜିବାକୁ ନିକଟସ୍ଥ ପୋଖରୀକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ ମାନେ ଘରେ ପଶି ବିଛଣାରେ ଶୋଇଥିବା ତାଙ୍କ ୫ ବର୍ଷିୟା ଶିଶୁକନ୍ୟାକୁ ବଳପୂର୍ବକ ଗଣଦୁଷ୍କର୍ମ କରିଥିଲେ । ଝିଅଟି ହଠାତ୍ ଚିତ୍କାର କରିବା ପରେ ଘରର ଅନ୍ୟ ଏକ କୋଠରୀରେ ଶୋଇଥିବା ଝିଅର ସାନ ମା ଉଠି ଯୁବକ ମାନଙ୍କୁ ବାଧା ଦେଇଥିଲେ । କିନ୍ତୁ, ଯୁବକ ମାନେ ମହିଳାଙ୍କୁ ଠେଲି ପଳାଇଯିବାକୁ ଉଦ୍ୟମ କରିବା ବେଳେ ପାଟିତୁଣ୍ଡ ଶୁଣି ସାଇପଡ଼ିଶା ଲୋକେ ଘଟଣାସ୍ଥଳରେ ପହଂଚି ମୁଖ୍ୟ ଅଭିଯୁକ୍ତ ନିଲୁକୁ କାବୁ କରି ନେଇଥିଲେ । ଅନ୍ୟ ମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ଯୁବକଙ୍କ ବାପା ଖବର ପାଇ ପୁଅକୁ ମୁକୁଳାଇବାକୁ ଉଦ୍ୟମ କରିଥିବା ବେଳେ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତ ନିଲୁ, ତା'ର ବାପା ଓ କିଛି ସହଯୋଗୀଙ୍କୁ କାବୁ କରି ନେଇଥିଲେ । ଅନ୍ୟପକ୍ଷରେ ପୀଡ଼ିତା ଶିଶୁ କନ୍ୟାକୁ ପରିବାର ଲୋକେ ଆଣି ପଟ୍ଟାମୁଣ୍ଡାଇ ମେଡିକାଲରେ ଭର୍ତି କରିଛନ୍ତି । ପୀଡ଼ିତା ନିଜ ବୟାନରେ ନିଲୁ ସହିତ ଅନ୍ୟ ୪ ଅଭିଯୁକ୍ତଙ୍କ ନାମ କହିଛନ୍ତି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ପୀଡ଼ିତାଙ୍କ ବୟାନ ଆଧାରରେ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢାଇଛି । ମାମଲାରେ ଜଡ଼ିତ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ନେଇ ଉଦ୍ୟମ ଜାରୀ ରଖିଛି ।

ମାଟ୍ରିକ୍ ହବ୍ ସେଂଟରରେ ନିଆଁ

ବାଲେଶ୍ୱର, (ପିଏନ)- ବାଲେଶ୍ୱର ଜିଲ୍ଲାର ନୀଳଗିରି ସହର ସ୍ଥିତ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଗତକାଲି ରାତିରେ ଘଟିଛି ଅଗ୍ନିକାଣ୍ଡ । ଏହି ସ୍କୁଲକୁ ହବ୍ ସେଂଟର କରାଯାଇ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ରଖାଯାଇଥିବା ବେଳେ ଅଗ୍ନ

ଟି ଟାଇମ୍

ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟତ୍ତ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତତ୍ତ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜତ୍ତ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫତ୍ତ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକତ୍ତ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡତ୍ତ କରିଥିଲେ।

ପୁରାଣ କାହାଣୀ

ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ତ୍ଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଧୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସଯରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

ଭୋଡକା ନେଲା ଜୀବନ

ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

ମୋଗଲ ଯୁଗର ଘଣ୍ଟେଓ୍ୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ

ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଙ୍ଗୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟତ୍ତ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ଆଚାର୍ଯ୍ୟ ହରିହର ଓଡିଆ ଜାତୀୟ ଇତିହାସରେ ଏକ ସ୍ପର୍ଦ୍ଧିତ ଉଚ୍ଚାରଣ

ଭୁବନେଶ୍ୱର (ପିଏନ୍): ଆଚାର୍ଯ୍ୟ ହରିହର ହେଉଛନ୍ତି ଓଡିଆ ଜାତୀୟ ଇତିହାସରେ ଏକ ସ୍ପର୍ଦ୍ଧିତ ଉଚ୍ଚାରଣ । ଉତ୍କଳମଣି ଗୋପବନ୍ଧୁଙ୍କ ସହିତ ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟର ପଂଚସଖା ଭାବେ ପରିଚିତ ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ସହିତ ସେମାନଙ୍କର ଅନ୍ୟତମ ସଖା ଆଚାର୍ଯ୍ୟ ହରିହରଙ୍କ ନାମ ସର୍ବଦା ସ୍ମରଣୀୟ । ଆଚାର୍ଯ୍ୟ ହରିହରଙ୍କ ନିସ୍ୱାର୍ଥପର ସେବା, ଆଦର୍ଶ ଶିକ୍ଷାଦାନ, ଦେଶର ସ୍ୱାଧୀନତା ସଂଗ୍ରାମରେ ବଳିଷ୍ଠ ଅବଦାନ ସର୍ବଦା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି ରାଜ୍ୟ ଜଳ ସଂପଦ ଓ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ପ୍ରକାଶ କରିଛନ୍ତି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ସ୍ଥାନୀୟ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଗତକାଲି ସଂଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ଆଚାର୍ଯ୍ୟ ହରିହର ଦାସଙ୍କ ୧୪୨ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ ଏହା ପ୍ରକାଶ କରିବା ସହିତ ଆଚାର୍ଯ୍ୟ ହରିହର ଜଣେ ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ ଓ ଋଷି ପ୍ରତିମ ପୁଣ୍ୟାତ୍ମା ଥିଲେ ବୋଲି ମନ୍ତ୍ରୀ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏଥିରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହିତ ମହାପୁରୁଷମାନଙ୍କର ଜୀବନୀ ସଂପର୍କରେ ଆଲୋଚନା କରିବା, ଆମ ସମସ୍ତଙ୍କର ଓ ଉତରପିଢୀମାନଙ୍କ ପାଇଁ ସଦା ସର୍ବଦା ପଥ ପ୍ରଦର୍ଶକ ହୋଇଥାଏ ବୋଲି କହିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଓଡିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ ଯେ, ଆଚାର୍ଯ୍ୟ ହରିହରଙ୍କ ସମେତ ବକୁଳ ବନ ବିଦ୍ୟାଳୟର ପଂଚସଖା ଓଡିଶାର ନବଜାଗରଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ଡଃ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ବହୁ ଅନାଲୋଚିତ ତଥା ଜୀବନର ଆଦର୍ଶ ମୂଲ୍ୟବୋଧ ସଂପର୍କରେ ଅବତାରଣା କରି ଛାତ୍ରଛାତ୍ରୀ ମାନଙ୍କୁ ତାଙ୍କ ଭଳି ସରଳ, ନିଷ୍କପଟ ଜୀବନଯାପନ କରି ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ କହିଥିଲେ । ଏହି ଦିବସ ଉପଲକ୍ଷେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଶ୍ରୀ ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ । ସଭାରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଜନସାଧାରଣ,ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଉପସ୍ଥିତ ଥିଲେ । ପରେ ପରେ ଆଚାର୍ଯ୍ୟ ବିହାର ପରିଷଦ ତରଫରୁ ଏକ ସମାଜ ସଚେତନତା ମୂଳକ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା । ସକାଳେ ସ୍ଥାନୀୟ ଆଚାର୍ଯ୍ୟ ବିହାର ଛକଠାରେ ମନ୍ତ୍ରୀ ଶ୍ରୀ ଦାସଙ୍କ ସମେତ ଆଚାର୍ଯ୍ୟ ବିହାର ପରିଷଦ ଓ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ମିଶ୍ର, ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ନିରଂଜନ ସେଠୀ ଓ ଆଚାର୍ଯ୍ୟ ବିହାର ପରିଷଦର କର୍ମକର୍ତାମାନେ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ଋଷି ପ୍ରତିମ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହରଙ୍କ ୧୪୨ ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ବିହାରଠାରେ ତାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି । ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ଏଠାରେ ଆୟୋଜିତ ଏକ ସ୍ମୃତି ସଭାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ଆଚାର୍ଯ୍ୟ ହରିହରଙ୍କ ଜନ୍ମର ୧୪୨ ବର୍ଷ ପରେ ମଧ୍ୟ ତାଙ୍କ ଭଳି ପୁଣ୍ୟାତ୍ମାଙ୍କର ଆଦର୍ଶ ଆମ ସମସ୍ତ ତଥା ଉତରପିଢୀଙ୍କ ପାଇଁ ଅନୁକରଣୀୟ ହୋଇ ରହିଛି । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର, ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ନିରଂଜନ ସେଠୀ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବିପିନବିହାରୀ ବାରିକୀ, ସରକାରୀ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଶ୍ରୀ ଭାଗବତ ପ୍ରସାଦ ଦାସ, ଉପ ସଭାପତି ଶ୍ରୀ ଯଦୁମଣି ସ୍ୱାଇଁ, ସଂପାଦକ ଶ୍ରୀ ଶିଶିର ମହାପାତ୍ର, ସଭ୍ୟ ସିଦ୍ଧାର୍ଥ ଦାସ, ଯଦୁମଣି ସ୍ୱାଇଁ, ରାମଚନ୍ଦ୍ର କୁଣ୍ଡୁ, ଯୁଗଳ ମହାପାତ୍ର, ପ୍ରତାପ ମହାପାତ୍ର, ସଂଯୁକ୍ତା ମହାନ୍ତି ଓ ବିମଳ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ରହି ଆଚାର୍ଯ୍ୟ ହରିହରଙ୍କ ପ୍ରତି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

ଯୋଡା ମହିଳା ମହାବିଦ୍ୟାଳୟ ଉପରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ନେଇ ଆତଙ୍କ

ଯୋଡା (ପିଏନ୍): ୩୨ବର୍ଷର ପୁରୁଣା ଯୋଡା ମହିଳା ମହାବିଦ୍ୟାଳୟ । ଖଣି ଅଞ୍ଚଳର ସର୍ବପୁରାତନ ମହିଳା ମହାବିଦ୍ୟାଳୟ ଭାବେ ରହିଛି ଏହାର ପ୍ରସିଦ୍ଧ । ହେଲେ ମହାବିଦ୍ୟାଳୟ ଉପରେ ଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଛାତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି । ଖଣି ଅଞ୍ଚଳ କେନ୍ଦୁଝର ଜିଲ୍ଲା ଯୋଡା ନଗର ମଧ୍ୟରେ ଥିବା ଏକମାତ୍ର ମହିଳା ମହାବିଦ୍ୟାଳୟର ସୁରକ୍ଷାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମହାବିଦ୍ୟାଳୟ ଅଟ୍ଟାଳିକା ଉପର ଦେଇ ଯାଇଥିବା ଏକ ଉଚ୍ଚଶକ୍ତି ସମ୍ପନ୍ନ ୧୩୨ କେଭି ବିଦ୍ୟୁତ ଟାୱାର ଲାଇନ । ଯାହାକୁ ନେଇ ସବୁ ସମୟରେ ଭୟଭୀତ ରହିଥାନ୍ତି ଛାତ୍ରୀ ଓ ଅଧ୍ୟାପକ ସମୂହ । ବିଶେଷକରି ବର୍ଷା ଓ ଘଡଘଡି ସମୟରେ ଏହି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାରକୁ ନେଇ ଆତଙ୍କିତ ହୋଇପଡନ୍ତି ସମସ୍ତେ । କେତେବେଳେ କେଉଁ ସମୟରେ କିଛି ଅଘଟଣ ଘଟିଯିବ ଏନେଇ ଶଙ୍କାରେ ରହିଥାନ୍ତି ଏମାନେ ସମସ୍ତେ । ଏଘଟଣାକୁ ନେଇ ମହାବିଦ୍ୟାଳୟ ପକ୍ଷରୁ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ଦୀର୍ଘ ୨୫ବର୍ଷରୁ ଅଧିକ ସମୟ ଧରି ଏହି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଦ୍ୱିତଳ ବିଶିଷ୍ଟ ଅଟ୍ଟାଳିକା ସମ୍ପନ୍ନ ମହାବିଦ୍ୟାଳୟର ଛାତ ଉପର ଦେଇ ଯାଇଥିଲେ ସୁଦ୍ଧା ଏହାକୁ ସ୍ଥାନାନ୍ତରିତ କରିବା ବିଭାଗୀୟ କର୍ତ୍ତୃପକ୍ଷଙ୍କର ଆନ୍ତରିକତା ନଥିବା ସ୍ପଷ୍ଟ ଜଣାପଡୁଛି । ପାଖାପାଖି ୭ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ସୁଦ୍ଧା ସେମାନଙ୍କର ଜୀବନ ପ୍ରତି ଅଜଣା ଭୟ ସୃଷ୍ଟି କରୁଛି ବୋଲି କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷା ସବିତା ଖଟୋଇ କହିଛନ୍ତି । ଉଲ୍ଲେଖଯୋଗ୍ୟ,ଏହି ମହାବିଦ୍ୟାଳୟଟି ୧୯୮୭ ମସିହାରେ ଉଦଘାଟିତ ହୋଇ ବର୍ତ୍ତମାନ ସରକାରୀ ମାନ୍ୟତା ପାଇସାରିଛି । ତତକାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୯୩ ମସିହାରେ ଏହି ମହାବିଦ୍ୟାଳୟର ପରିଦର୍ଶନରେ ଆସି ଏହି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାରକୁ ଦେଖି ହଟେଇବାକୁ ନିର୍ଦ୍ଦେଶ ଦେଇଥିବା ପରେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିବା ଏକ ଦୁଃଖଦ ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ଏନେଇ ମଧ୍ୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶାସନିକ ଅଧିକାରୀ ମାନଙ୍କୁ ଏସଂକ୍ରାନ୍ତରେ ଚିଠି ମାଧ୍ୟମରେ ଅବଗତ କରାଇଥିଲେ ମଧ୍ୟ କେବଳ ସେମାନଙ୍କର ପ୍ରତିଶ୍ରୁତି ଚୁଲିକି ଗଲା ସଦୃଶ ହୋଇ ଉଠିଛି । ପଦକ୍ଷେପ ନେବା ତ ଦୂରର କଥା ଏଘଟଣା ସଂକ୍ରାନ୍ତକୁ ନେଇ ତଦନ୍ତ ପରିସର ଭିତରକୁ ନଆଣିବା ଏକ ଦୁର୍ଭାଗ୍ୟ ବିଷୟ । ସୂଚନାଥାଉକ,ଏହି ମହାବିଦ୍ୟାଳୟର ଅଧିକାଂଶ ଆଦିବାସୀ ଛାତ୍ରୀ ଅଧ୍ୟୟନ କରୁଥିବା କଲେଜ ସୂତ୍ରରୁ ଜଣାପଡିଛି । କଲେଜଟିରେ ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କଲେ ସବୁ ଠିକଠାକ୍ ଥିବା ସ୍ଥଳେ କେବଳ ଏହି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ମହାବିଦ୍ୟାଳୟର ଛାତ୍ରୀ ତଥା ଅଧ୍ୟାପକଗଣଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଶଙ୍କା ସୃଷ୍ଟି କରୁଥିବା ନେଇ ହତୋତ୍ସାହିତ ହୋଇ ଉଠିଛନ୍ତି । ପ୍ରତିବର୍ଷ ଏହି ମହାବିଦ୍ୟାଳୟରେ ଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ସେହି ଅନୁସାରେ ଶ୍ରେଣୀଗୃହ ବୃଦ୍ଧି ହୋଇ ପାରୁନାହିଁ । କଲେଜ ଉପରେ ଦେଇ ଯାଇଥିବା ୧୩୨ କେଭି ବିଦ୍ୟୁତ ତାର ଯୋଗୁଁ କଲେଜ କକ୍ଷ ଗୁଡିକ ସମ୍ପ୍ରସାରଣ ହୋଇ ପାରୁନାହିଁ । ଅନେକ ସମୟରେ ଏହି ତାରରୁ ନିଆଁ ଝୋଲ ଖସିବା ସହ ବାଣ ଫୁଟିବା ଭଳି ଶବ୍ଦ ବାହାରୁ ଥିବା ଯୋଗୁଁ ମହାବିଦ୍ୟାଳୟର ଛାତ୍ରୀ ଓ ଅଧ୍ୟାପକ ମାନେ ସବୁବେଳେ ଆତଙ୍କିତ ଅବସ୍ଥାରେ କାଳ କାଟୁଛନ୍ତି । ତେବେ ଏନେଇ ମହାବିଦ୍ୟାଳୟ ପକ୍ଷରୁ ଗ୍ରୀଡକୋ ଓ ଶକ୍ତିମନ୍ତ୍ରୀଙ୍କୁ ଅବଗତ କରି କୌଣସି ସୁଫଳ ମିଳିନଥିବା କହିଛନ୍ତି ଅଧ୍ୟାପକ ପବିତ୍ର ମୋହନ କର । ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ଯଥାସମ୍ଭବ ପଦକ୍ଷେପ ନିଆଯିବା ପାଇଁ ଛାତ୍ରୀ ମହଲରେ ଦାବି ହେଉଛି । ତେବେ ଏଘଟଣାକୁ ନେଇ ଯୋଡା ଗ୍ରୀଡକୋ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା ।

ଓଡ଼ିଶାରେ ଇସଲାମିକ ସନ୍ତ୍ରାସ

ଓଡିଶାରେ ସାମ୍ୟବାଦୀ ସନ୍ତ୍ରାସବାଦ ଦୀର୍ଘ ୫୦ବର୍ଷରୁ ଅଧିକକାଳ ଧରି ବଞ୍ଚି ରହିଥିବା ସ୍ଥଳେ ଏବେ ଇସଲାମିକ ସନ୍ତ୍ରାସବାଦ ନିଜର ସ୍ଥିତିକୁ ମଜଭୁତ କରୁଥିବା ଜଣାପଡିଛି । ରାଜ୍ୟର ସୁରକ୍ଷା ପ୍ରତି ବାରମ୍ବାର ଅବହେଳା ଯୋଗୁ ହିଁ ସନ୍ତ୍ରାସବାଦ ଏଠାରେ ବଢିବା ସମ୍ଭବପର ହୋଇଛି । ଅତୀତରେ ଓଡିଶାରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ଅନୁପ୍ରବେଶର ବୃଦ୍ଧି , ସହରାଞ୍ଚଳର ବସ୍ତିଗୁଡିକରେ ନିଶା ଓ ରାଷ୍ଟ୍ରବିରୋଧୀ କାର୍ଯ୍ୟକଳାପ, ବଙ୍ଗଳାଦେଶକୁ ରାଜ୍ୟରୁ ଅବୈଧ ପଶୁ ଚୋରାଣ ନେଇ ଅନେକ ସମୟରେ ଅଭିଯୋଗ ଆସିଥିଲେ ମଧ୍ୟ ସେ ସବୁକୁ ଷ୍ଟେସନ ଡାଏରୀ ମଧ୍ୟରେ ସୀମିତ କରି ରଖାଯାଇଛି । ସନ୍ତ୍ରାସବାଦୀମାନେ ଏସବୁ ଅପରାଧରୁ ସଂଗୃହୀତ ଅର୍ଥ ଏଠାରେ ନିବେଶ କରୁଛନ୍ତି ଏବଂ ସେମାନଙ୍କ ସମର୍ଥକ ଗୋଷ୍ଠୀ ବଢାଉଛନ୍ତି । ଅତୀତରେ ସାଲେପୁରର ରେହମାନକୁ ପ୍ରଥମେ ଆଇବି ଗିରଫ କରି ଜେରା କରିବାପରେ ରାଜ୍ୟ ପୁଲିସକୁ ହସ୍ତାନ୍ତରିତ କରିଥିଲା । ରେହମାନର ଗିରଫଦାରି ପାଇଁ ପୁଲିସ ନିକଟରେ ଅଭିଯୋଗ କରି ସ୍ଥାନୀୟ ଲୋକେ ପୂର୍ବରୁ ହତାଶ ହୋଇଥିଲେ । ଏପରିକି ଜଗତପୁର ପୁଲିସ ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କୁ ଦଙ୍ଗା ବଢାଇବା ଦଫାରେ ଗିରଫ କରି ଭର୍ତ୍ତି କରିଦେବାକୁ ଧମକ ଦେବା ଚର୍ଚ୍ଚାର ବିଷୟ ପାଲଟିଥିଲା । ଅତୀତରେ ପାରାଦ୍ୱୀପରେ ଗୋଟିଏ ନାମରେ ଏକାଧିକ ବଙ୍ଗଳାଦେଶୀ ରହିବା ନେଇ ଆଇବି ପକ୍ଷରୁ ଅନୁସନ୍ଧାନ ହୋଇଥିଲା । ବାଲେଶ୍ୱର କ୍ଷେପଣାସ୍ତ୍ର ଘାଟୀ ଅଞ୍ଚଳରେ ମଧ୍ୟ କେତେକ ସନ୍ଦିଗ୍ଧ ତଥ୍ୟ ସଂଗ୍ରହ କରୁଥିବା ଅଭିଯୋଗ ହୋଇଥିଲା । ଖୋର୍ଦ୍ଧାର ବେଗୁନିଆ, ଭୁବନେଶ୍ୱରର ଯଦୁପୁର, କଳିଙ୍ଗବିହାର ଅଞ୍ଚଳରେ ବଙ୍ଗଳାଦେଶୀ ମାଫିଆ ଗୋଷ୍ଠୀଙ୍କ ସହାୟତାରେ ଗୋ ଚୋରାଣ ହେବା ନେଇ ଅନେକ ପ୍ରମାଣ ଓ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି । ନିକଟରେ କିପରି କଣ୍ଟେନର ଭିତରେ ଗୋରୁଙ୍କୁ ପଠାଯାଉଥିଲା ତାହା ମଧ୍ୟ ଅନୁଗୁଳରେ ଧରାପଡିଥିଲା । ବଙ୍ଗଳାଦେଶରୁ ଜଳେଶ୍ୱର ଦେଇ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାକୁ ନିଶା ଚୋରାଣ ନେଇ ରାଜ୍ୟ ପୁଲିସ ପାଖରେ ଅନେକ ଖବର ପୂର୍ବରୁ ରହିଛି । ଅସଲ କଥା ହେଲା ଏହିସବୁ ମାମଲାରେ ଗିରଫ ହେଉଥିବା ଅଭିଯୁକ୍ତମାନେ ଦେଶ ବିରୋଧୀ, ସନ୍ତ୍ରାସବାଦୀଙ୍କୁ ସହଯୋଗ କଲାପରି କଠୋର ଦଫାରେ ଗିରଫ ହେଉନଥିବା ଯୋଗୁ ଏମାନେ କିଛିଦିନ ପରେ ଜାମିନରେ ଖସିଯାଇ ପୁନର୍ବାର ପୁରୁଣା ଷଡଯନ୍ତ୍ରରେ ସାମିଲ ହେଉଛନ୍ତି । ଏମାନଙ୍କୁ ଜବତ କରିବା ପାଇଁ ଉତ୍ତର ପ୍ରଦେଶ ଓ ଗୁଜୁରାଟ ପୁଲିସ ପରି କଠୋର ହସ୍ତରେ ଦମନ କରାଯିବା ଆବଶ୍ୟକ । ଆଫଗାନିସ୍ଥାନରେ ତାଲିବାନ ସନ୍ତ୍ରାସବାଦୀଙ୍କ ଆୟ ଅଫିମରୁ ଓ ଖଣିଜ ଦ୍ରବ୍ୟରୁ ଆସିଲା ବେଳେ ଆରବରେ ତୈଳ ପରିବହନରୁ ସଂଗୃହୀତ ହୋଇଥାଏ । ଓଡିଶାରେ ସକ୍ରୀୟ ସିମି, ଲସ୍କର-ଇ-ତୋୟବା, ଜମାତ ଉଲ ମୁଜାହିଦ୍ଦୀନ (ବଙ୍ଗଳାଦେଶ) ଗୋଷ୍ଠୀର ସନ୍ତ୍ରାସବାଦୀମାନେ ରାଜ୍ୟରେ ବ୍ୟବସାୟ ନାମରେ ସହଯୋଗୀମାନଙ୍କୁ ଫୁଟପାଥରେ ବସାଇ ସେମାନଙ୍କ ଆଶ୍ରୟରେ ରହି କାର୍ଯ୍ୟ କରୁଛନ୍ତି । ଅନ୍ୟମାନେ ଠିକାଦାର ପାଖରେ କିମ୍ବା ଫେରିବାଲା, ବୁଲାବେପାରୀ ହୋଇ ସହରର ଗଳିକନ୍ଦି ଏପରିକି ଗ୍ରାମାଞ୍ଚଳକୁ ଯାଇ ପ୍ଲାଷ୍ଟିକ, କପଡା, ଚୁଡି, ବାସନକୁସନ ଆଦି ବିକ୍ରି କରୁଛନ୍ତି । କେତେକ ମଧ୍ୟ ଶିଳ୍ପ ଏବଂ ହୋଟେଲମାନଙ୍କରେ କାର୍ଯ୍ୟ କରୁଛନ୍ତି । କଥା ହେଲା ସମାଜରେ ଏମାନଙ୍କ ପ୍ରବେଶ ଏତେ ତଳସ୍ତରକୁ ଗଲାଣି ଯେ ସେମାନଙ୍କୁ ଖୋଜି ବାହାର କରିବା ସହଜ ହେବ ନାହିଁ । କାରଣ ଏମାନଙ୍କ ମଧ୍ୟରୁ ଅନେକ ଦୁର୍ନୀତିଖୋର ରାଜନେତା ଏବଂ ଅଧିକାରୀମାନଙ୍କୁ ହାତ କରି ଭୋଟର ପରିଚୟ ପତ୍ର ଏବଂ ଆଧାରକାର୍ଡ ବାହାର କରିବାକୁ ସକ୍ଷମ ହୋଇଛନ୍ତି । ନିଶା କାରବାରରୁ କିଛି କିଛି ଅର୍ଥ ସ୍ଥାନୀୟ ପୁଲିସ ଏବଂ ନେତାଙ୍କୁ ଦେଇ ସେମାନଙ୍କ ଛତ୍ରଛାୟା ତଳେ ଦୁଇନମ୍ବରୀ କାର୍ଯ୍ୟ ଜାରି ରଖିଛନ୍ତି । ଏମାନଙ୍କ ଭିତରୁ କେତେକ ସ୍ଥାନୀୟ ମହିଳାଙ୍କୁ ବିବାହ କରି ଭାରତରେ ମଧ୍ୟ ପରିବାର ବଢାଇଛନ୍ତି । ଅଥଚ ଅନେକଙ୍କ ପିଲା ବଙ୍ଗଳାଦେଶରେ ରହିଛନ୍ତି ।

ମୌଳବାଦୀ ଇସଲାମିକ ସନ୍ତ୍ରାସ ରାଜ୍ୟରେ ଅତି ବ୍ୟାପକ ଢଙ୍ଗରେ ବଢୁଥିଲା ବେଳେ ସେଥିପାଇଁ ଜନସତର୍କତା, ଜନସଚେତନତା ଏବଂ ସରକାରୀ ତତ୍ପରତା ବହୁତ କମ ଥିବା ଜଣାଯାଏ । ଏଠାରେ ଉଲ୍ଲେଖନୀୟ ହେଲା ଯେ ୨୦୧୫ ଡିସେମ୍ବର ମାସରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ବେଲତେରୁଆଁର ଅବଦୁଲ ରେହେମାନକୁ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା (ଏନ୍ଆଇଏ) ଦଳ ଗିରଫ କରିଥିଲେ । ପଶ୍ଚିମକଚ୍ଛ ଗ୍ରାମର ଏହି ବ୍ୟକ୍ତି ବିଦେଶୀ ସଂସ୍ଥାରୁ ଅର୍ଥ ଆଣି ଏଠାରେ ମଦ୍ରାସା ଚଳାଇବା ନାମରେ ଇସଲାମିକ ମୌଳବାଦୀ ପ୍ରଶିକ୍ଷଣ ଦେଉଥିଲା । ସେ ଲସ୍କର ଗୋଷ୍ଠୀ ସହ ସଂପୃକ୍ତ କରି ଜଗତପୁର ଏସ୍ବିଆଇରେ ଏକ ଆକାଉଣ୍ଟ ଖୋଲିବାରେ ଜଣେ ସନ୍ତ୍ରାସବାଦୀକୁ ସାହାଯ୍ୟ କରିବା ସହ ଜଗତପୁରଠାରେ ଏକ ପରିବହନ ବ୍ୟବସାୟ ଆଳରେ ତାର ପରିଚୟ ଲୁଚାଉଥିଲା । ସେହିପରି ଫେବୃଆରୀ ୨୦୧୬ରେ ମଧ୍ୟପ୍ରଦେଶରୁ ଫେରାରଥିବା ଇସଲାମିକ ମୌଳବାଦୀ ସଂଗଠନ ସିମିର ୫ଜଣ ଆତଙ୍କବାଦୀଙ୍କୁ ଏନ୍ଆଇଏ କର୍ତ୍ତୃପକ୍ଷ ରାଉରକେଲାରୁ ଗିରଫ କରିଥିଲେ । ସେମାନେ ମଧ୍ୟପ୍ରଦେଶରେ ଗିରଫ ହୋଇଥିଲା ବେଳେ ଜେଲରୁ ଖସି ଆସିଥିଲେ । ରାଉରକେଲାରେ ସେମାନେ ଘରଭଡା ନେଇ ରହିଆସୁଥିଲେ ମଧ୍ୟ କେହି ସେମାନଙ୍କୁ ସନ୍ଦେହ କରିନଥିଲେ । ଷ୍ଟୁଡେଣ୍ଟ ଇସଲାମିକ ମୁଭମେଣ୍ଟ ଅଫ ଇଣ୍ଡିଆ (ସିମି)କୁ ଦେଶରେ ନିଷିଦ୍ଧ କରାଯିବା ପରେ ଏମାନେ ଏବେ ପିଏଫ୍ଆଇ ନାମରେ ଅନେକ ରାଜ୍ୟର

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୦, ଫେବୃଆରୀ ୨୯

ନିରନ୍ତର ବିକାଶରେ ସ୍ୱାସ୍ଥ୍ୟର ଭୂମିକା !

ଦେଶର ରାଜ୍ୟସମୂହ ପାଇଁ ନୀତି ଆୟୋଗ ଯେଉଁ ସ୍ୱାସ୍ଥ୍ୟସୂଚୀ ପ୍ରବର୍ତ୍ତନ ବ୍ୟବସ୍ଥା କରିଛନ୍ତି ତାହାର ଉଦ୍ଦେଶ୍ୟ ଆପାତତଃ ଭଲ ଜଣାପଡୁଛି । ଏହାର ଲକ୍ଷ୍ୟ ହେଲା ସ୍ୱାସ୍ଥ୍ୟ ସୂଚକାଙ୍କକୁ ମାନଦଣ୍ଡ କରି ବିଭିନ୍ନ ରାଜ୍ୟର ପ୍ରଦର୍ଶନକୁ ମାପିବାସହ ସେମାନଙ୍କର ର୍ୟାଙ୍କ ବା ସ୍ଥାନ ନିରୂପଣ କରିବା । ଭାରତର ଅର୍ଥନୈତିକ ବିକାଶ ପ୍ରକ୍ରିୟା ସହିତ ସାମାଜିକ ବିକାଶ ତାଳ ମିଳାଇ ଆଗେଇ ପାରୁନାହିଁ । ଏହି ଅସଂଗତିକୁ ଦୂର କରିବା ପାଇଁ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଏବଂ ପରିମାପକ ଭାବେ ବ୍ୟବହାର କରିବାର ପରିକଳ୍ପନା ଭଲ । ଉଦ୍ଦେଶ୍ୟ ହେଲା ଏହି ସ୍ୱାସ୍ଥ୍ୟସୂଚକାଙ୍କକୁ ବିଚାରକୁ ନେଇ ଗୋଟିଏ ରାଜ୍ୟର ପ୍ରଦର୍ଶନ ଓ ତଦାରଖ ବ୍ୟବସ୍ଥାକୁ ମାପିହେବ । ଭଲ ପ୍ରଦର୍ଶନ ପାଇଁ ପ୍ରୋତ୍ସାହନ ଦେଇହେବ । ତେଣୁ ଗୋଟିଏ ମାନକ ଧାର୍ଯ୍ୟକରି ତଦନୁସାରେ ଗୋଟିଏ ରାଜ୍ୟର ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ କାର୍ଯ୍ୟକ୍ରମର ଫଳାଫଳ ଓ ସ୍ଥିତିର ସ୍ପଷ୍ଟ ପ୍ରମାଣ ମିଳିବ ଏବଂ ସଫଳତା, ବିଫଳତା ଜଣାପଡ଼ିବ । ଏହି ବ୍ୟବସ୍ଥା ଯେ ସଂପୂର୍ଣ୍ଣ ଅଭିନବ, ତାହା କୁହାଯାଇ ନ ପାରେ । ପୂର୍ବରୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ରୂପାୟନବେଳେ ବିଭିନ୍ନ ସଂସ୍ଥାଦ୍ୱାରା ସେସବୁର ସର୍ଭେ ନିୟମିତ ହେଉଥିଲା ଏବଂ ସଫଳତା ବିଫଳତାର କାରଣ ଧରାପଡୁଥିଲା । ନୂଆ ପ୍ରୟାସରେ ଏତିକି ହେବ ଯେ ରାଜ୍ୟମାନଙ୍କୁ ଏ କ୍ଷେତ୍ରରେ ବାର୍ଷିକ କ୍ରମବର୍ଦ୍ଧିଷ୍ଣୁ ବିକାଶର ଫଳାଫଳ ନିର୍ଣ୍ଣୟ କରିବାକୁ ପଡ଼ିବ ଏବଂ ପ୍ରଚଳିତ ଐତିହାସିକ ସଫଳତା ହାସଲର ଧାରା ବଦଳାଇବାକୁ ହେବ । ଏକ ଅତି ଅନଗ୍ରସର ଅଞ୍ଚଳରେ ଡାକ୍ତରଖାନାଟିଏ ଖୋଲିଦେବା ଏକ ଐତିହାସିକ ସଫଳତା ହୋଇପାରେ, ମାତ୍ର ସେହି ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ଚଳାଇ ରଖିବାସହ ରୋଗୀସେବା ନିରନ୍ତର ଯୋଗାଣ ଏବଂ ଏହାର କାର୍ଯ୍ୟ ପରିସର ବୃଦ୍ଧି ତଥା ଅଧିକରୁ ଅଧିକ ଲୋକଙ୍କୁ ନିୟମିତ ସେବା ପ୍ରଦାନ କ୍ରମବର୍ଦ୍ଧିଷ୍ଣୁ ସଫଳତାକୁ ବୁଝାଏ । ଆମ ବ୍ୟବସ୍ଥାର ଏକ ବଡ଼ ତ୍ରୁଟି ହେଉଛି ଯେ ଗୁଳାମୁଣ୍ଡ ଛୁଇଁଦେଲେ ବା ଗୋଟିଏ ଲକ୍ଷ୍ୟ ହାସଲ କରିଦେଲେ ଆମର କାମ ଶେଷ ହୋଇଗଲା ବୋଲି ଧରିନିଆଯାଏ । କାର୍ଯ୍ୟ ବା ଯୋଜନାର ବୃହତ୍ତର ଲକ୍ଷ୍ୟ ପ୍ରତି ଗୁରୁତ୍ୱ ରହେନାହିଁ । ନିରନ୍ତର ବିକାଶରେ ସ୍ୱାସ୍ଥ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏକ ଅସୁସ୍ଥ ରାଷ୍ଟ୍ରରେ ସାମାଜିକ, ଆର୍ଥିକ ବିକାଶ ସମ୍ଭବ ନୁହେଁ । ଦେଶ ବା ରାଜ୍ୟ ସୁସ୍ଥ ସବଳ ରହିଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ । ସୁତରାଂ ସ୍ୱାସ୍ଥ୍ୟସେବା ଓ ବ୍ୟବସ୍ଥାର ନିରନ୍ତର ବିକାଶକୁ ଅଗ୍ରାଧିକାର ପ୍ରଦାନ କରାଯିବା ଦରକାର । ଓଡ଼ିଶାରେ ଏହି ପ୍ରୟାସଟି ମନ୍ଥର । ସେଇଥିପାଇଁ ତ ଆଜି ଓଡ଼ିଶାର ଅଧିକାଂଶ ପଛୁଆ ଅଞ୍ଚଳରେ ଡାକ୍ତରଖାନା ଅଛି, ଅଥଚ ସେବା ନାହିଁ । ଏହି ବ୍ୟବସ୍ଥାର ଅବସାନ ଏବଂ ଏଥିରେ ନୂଆ ଚିନ୍ତା ଓ ପ୍ରୟାସକୁ ସୁଯୋଗ ଦିଆଯିବା ଉଚିତ । ରାଜ୍ୟମାନେ ଏ କ୍ଷେତ୍ରରେ ଲକ୍ଷ୍ୟନେଇ ତାହା ପୂରଣ କରିବାକୁ ନିଜନିଜ ମଧ୍ୟରେ ପ୍ରତିଯୋଗିତା କରିବାର ସମୟ ଆସିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଦେଶର ସବୁ ରାଜ୍ୟ ସମାନ ସ୍ଥିତିରେ ନାହାନ୍ତି ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବାକୁ ଯେଉଁ ସାମାଜିକ ବ୍ୟବସ୍ଥା ଦରକାର ସେଥିରେ ଗୁରୁତର ବୈଷମ୍ୟ ରହିଛି । ସାମାଜିକ କ୍ଷେତ୍ରର ବିକାଶରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧା ସୁଯୋଗର ଭୂମିକା ଅଧିକ । ଯେଉଁସବୁ ରାଜ୍ୟ ଐତିହାସିକ କାରଣରୁ ପଛରେ ରହିଯାଇଛନ୍ତି ସେମାନଙ୍କୁ ଜାତୀୟ ମୁଖ୍ୟସ୍ରୋତରେ ସାମିଲ କରିବାକୁ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଇଛି । ବିପୁଳ ଅର୍ଥ ବ୍ୟୟ ସତ୍ତ୍ୱେ ସ୍ୱାସ୍ଥ୍ୟ ଭଳି ସାମାଜିକକ୍ଷେତ୍ରରେ ବିକାଶ ଆଖିଦୃଶିଆ ହେଉନାହିଁ । ତେଣୁ ବ୍ୟାଧି ସାମାଜିକ ବିକାଶର ପ୍ରମୁଖ ପ୍ରତିବନ୍ଧକ ସାଜିଛି । ଦେଶର ବିକଶିତ ପ୍ରଦେଶମାନଙ୍କରେ ସ୍ୱାସ୍ଥ୍ୟ ସୂଚକାଙ୍କ ଅପେକ୍ଷାକୃତ ଭଲ । କହିବା ବାହୁଲ୍ୟ ଯେ ଲୋକଙ୍କ ଆର୍ଥିକସ୍ଥିତି ସହ ସ୍ୱାସ୍ଥ୍ୟର ସିଧାସଳଖ ସମ୍ପର୍କ ରହିଛି । ଦ୍ୱିତୀୟ କଥା ହେଲା ବିପୁଳ ଆଦିବାସୀ, ଦଳିତ ଓ ଅନଗ୍ରସର ବର୍ଗର ଲୋକ ବସବାସ କରୁଥିବା ଓଡ଼ିଶା ଭଳି ରାଜ୍ୟସମୂହଙ୍କ ସାମାଜିକ ବିକାଶ, ବିଶେଷକରି ସ୍ୱାସ୍ଥ୍ୟସେବା ଭଲ ନୁହେଁ । ସେସବୁ ରାଜ୍ୟ ପାଇଁ ସ୍ୱତନ୍ତ୍ର ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ ନିଶ୍ଚୟ ଏକ ଭଲ ବିଚାର । ସ୍ୱାସ୍ଥ୍ୟସେବା ଓ ସାମାଜିକ ବିକାଶ କ୍ଷେତ୍ରରେ ଦେଶର ପୂର୍ବାଞ୍ଚଳ ସବୁଠୁ ପଛରେ । ଓଡ଼ିଶାର ସ୍ଥିତି ତା'ମଧ୍ୟରୁ ଅଧିକ ଖରାପ । ସାମାଜିକ କ୍ଷେତ୍ରକୁ କେନ୍ଦ୍ରସରକାର ଅର୍ଥ ଯୋଗାଣ ଯଥେଷ୍ଟ ହ୍ରାସ କରିଛନ୍ତି । ଫଳରେ ଓଡ଼ିଶାଭଳି ସମସ୍ୟାବହୁଳ ରାଜ୍ୟ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାକୁ ସଂଘର୍ଷରତ । ନୂଆ ବ୍ୟବସ୍ଥାରେ ଓଡ଼ିଶା ସମେତ ସମ୍ବଳଅଭାବୀ ରାଜ୍ୟ କିପରି କାର୍ଯ୍ୟ କରିବେ ସେଥିପାଇଁ ନୀତି ଆୟୋଗ ମଧ୍ୟ ରାସ୍ତା ବାହାର କରିବା ଆବଶ୍ୟକ ।

ଆଜିର ଅନୁଚିନ୍ତା

ଯେତେ ଯାହା କଲେ ବି ମାତୃଋଣ ଶୁଝିବା ଅସମ୍ଭବ ।

ଘୃଣା ନୁହେଁ ଶ୍ରଦ୍ଧା

ଏକଦା ଇଶା ଭ୍ରମଣ କରୁକରୁ ଏକ ନଗରରେ ପହଞ୍ଚିଲେ । ନଗରବାସୀଙ୍କ ମଧ୍ୟରେ ତାଙ୍କର ଆଗମନ ବାର୍ତ୍ତା ପ୍ରଚାରିତ ହେବାକ୍ଷଣି ବିଭିନ୍ନ ସ୍ଥାନରୁ ଲୋକେ ସତ୍‌ସଙ୍ଗ ଲାଭ ପାଇଁ ତାଙ୍କ ନିକଟକୁ ଛୁଟିବାରେ ଲାଗିଲେ । ମହାତ୍ମା ଇଶାଙ୍କ ଉପଦେଶାବଳି ଶ୍ରବଣରେ ସେମାନେ ବେଶ୍ ପ୍ରଭାବିତ ହୋଇ ପ୍ରତ୍ୟାବର୍ତ୍ତନ କରୁଥାନ୍ତି । ନଗରର ଜଣେ ଧନାଢ଼୍ୟ ବ୍ୟକ୍ତିଥିଲେ ସହିନ୍ । ସହିନ୍ ଇହୁଦି ସଂପ୍ରଦାୟର ଧର୍ମାତ୍ମା ଥିଲେ । ଇଶାଙ୍କ ପ୍ରତି ତାଙ୍କର ଗଭୀର ଭକ୍ତି ଥିଲା । ଇଶାଙ୍କୁ ଭୋଜନ ନିମନ୍ତେ ସେ ସ୍ୱ ଗୃହକୁ ଆମନ୍ତ୍ରଣ କଲେ । ଇଶା ନିମନ୍ତ୍ରଣ ରକ୍ଷା କରି ସହିନଙ୍କ ଗୃହରେ ପଦାର୍ପଣ କରିଥିଲେ । ଧୈର୍ଯ୍ୟ, ସହନଶୀଳତା ସଦାଚାର, ସଂଯମ, ପରୋପକାର ଆଦି ଦେବୋପମ ଗୁଣର ବୈଶିଷ୍ଟ୍ୟ ସମ୍ପର୍କରେ ଇଶା ସହିନ୍‌ଙ୍କୁ ବୁଝାଇଥିଲେ । ପରେ ନଗରର ଏକ ସ୍ଥାନରେ ପ୍ରବଚନ ଦେଉଥିଲାବେଳେ ଜନୈକ ନଗରବଧୂ ମେରୀ ତାଙ୍କ ବାଣୀରେ ମୁଗ୍ଧ ହୋଇ ଇଶାଙ୍କୁ ଆମନ୍ତ୍ରଣ କଲେ ନିଜ ବାସଭବନରେ ଭୋଜନ ନିମନ୍ତେ । ଇଶା ଜଣେ ମହିଳାଙ୍କ ଅନ୍ତରଙ୍ଗ ନିମନ୍ତ୍ରଣକୁ ଉପେକ୍ଷା କରିପାରି ନଥିଲେ । ନିମନ୍ତ୍ରଣ ରକ୍ଷା କରି ଇଶା ସମ୍ମତି ଦେଇଥିଲେ ବି ମେରି ସନ୍ଦିହାନ ଥିଲେ ଏଇଥିପାଇଁ ଯେ ତାଙ୍କ ଭଳି ଜଣେ ନଗରବଧୂଙ୍କ ଗୃହକୁ ଆସିବାକୁ ହୁଏତ ଇଶା କୁଣ୍ଠା କରିପାରନ୍ତି । ନିର୍ଦ୍ଦିଷ୍ଟ ସମୟରେ ଇଶା ମେରିଙ୍କ ଗୃହରେ ପହଞ୍ଚି ଭୋଜନକଲେ । ତାଙ୍କୁ ଜୀବନରେ ସଦାଚାରର ଉପଯୋଗିତା ସମ୍ପର୍କରେ ବୁଝାଇଲେ । ମେରିଙ୍କୁ ଏହା ବେଶ୍ ପ୍ରଭାବିତ କରିଥିଲା । ମହାତ୍ମା ଇଶା ନଗରବଧୂ ଭଳି ଜଣେ ଇତର ଶ୍ରେଣୀର ମହିଳାଙ୍କ ଗୃହରେ ପଦାର୍ପଣ କରିବା, ଭୋଜନ କରିବା କିଛି ଲୋକଙ୍କୁ ଅସୁଖ ଲାଗିଥିଲା । ଜଣେ ଅପବିତ୍ର ମହିଳାଙ୍କ ଗୃହକୁ ଯାଇ ଖାଇବାକୁ ସେମାନେ ଭିନ୍ନ ଦୃଷ୍ଟିରେ ଦେଖିଲେ । ସେମାନଙ୍କ ବିଚାରରେ ଜଣେ ପତିତାର ଗୃହରେ ଭୋଜନ କରିବା ଅର୍ଥ ନିଜକୁ କଳୁଷିତ କରିବା । ଜଣେ ମହାତ୍ମା ଭାବରେ ସେହି ମହିଳାଙ୍କ ପାପାନ୍ନ ସ୍ପର୍ଶ କରିବା ଉଚିତ ନଥିଲା । ସେମାନେ ପରସ୍ପର ଭିତରେ ଏ ସମ୍ପର୍କରେ ଆଲୋଚନା ଆରମ୍ଭ କରିଦେଲେ । ଖୋଲାଖୋଲି କହିଲେ ଯେ ମହାତ୍ମା ଇଶା ଏଭଳି ଜଣେ ଘୃଣ୍ୟ, ପତିତାର ଗୃହରେ ଭୋଜନ କରିବା ଆଦୌ ଉଚିତ୍ ନଥିଲା । ଏ ସମ୍ପର୍କରେ ଇଶା ଜାଣିବାକୁ ପାଇଲେ । ସେମାନଙ୍କ ସମାଲୋଚନାର ଉତ୍ତର ଦେବାକୁ ଯାଇ କହିଲେ ଆମେମାନେ ପାପୀକୁ ନୁହେଁ, ପାପକୁ ଘୃଣା କରିବା ଉଚିତ । ପ୍ରକୃତିବଶତଃ କେହି ପାପାଚାର କରି ପାପୀ ହୋଇଯାଇଛି । ଆମକୁ ପାପୀ ନୁହେଁ, ପାପ କବଳରୁ ନିଜକୁ ରକ୍ଷା କରିବା ଉଚିତ । ପୁଣ୍ୟାତ୍ମା ଅପେକ୍ଷା ମୋ ନିକଟରେ ପାପୀର ଗୁରୁତ୍ୱ ଅଧିକ, କାରଣ ଯଦି ପାପାଚରଣ କରି ପାପୀ ହୋଇଥିବା ବ୍ୟକ୍ତି ସଦୁପଦେଶ ମାଧ୍ୟମରେ ଏଥିରୁ (ପାପ) ନିଜକୁ ମୁକୁଳାଇ ପାରିଲା ତେବେ ସେ ତ ପୁଣ୍ୟାତ୍ମା ହୋଇଯିବ । ଆଉ ଆମେ ଯଦି ପାପୀକୁ ଘୃଣା କରିବା, ତା'ର ଚରିତ୍ର ସଂଶୋଧନ ନିମନ୍ତେ ଯତ୍ନଶୀଳ ନହୋଇ ତା'ର ସେହି କାର୍ଯ୍ୟ ପୂର୍ବଭଳି ଜାରି ରଖିବାକୁ ଦେବା ତା'ହେଲେ ପାପାତ୍ମାଙ୍କ ସଂଖ୍ୟା ଢ଼େର ବଢ଼ିଯିବ । ଇଶାଙ୍କ ଏହି ବାଣୀରେ ସମାଲୋଚକମାନେ ଅତ୍ୟନ୍ତ ପ୍ରଭାବିତ ହୋଇଥିଲେ, ସେମାନଙ୍କର ଭ୍ରମ ଦୂର ହୋଇ ଯାଇଥିଲା । ସେମାନେ ସଂଯମ ଆଚରଣପୂର୍ବକ ସେବାକାର୍ଯ୍ୟରେ ବ୍ରତୀ ହେଲେ । ଯଥାର୍ଥରେ ଘୃଣା ନୁହେଁ, ଶ୍ରଦ୍ଧା ମାଧ୍ୟମରେ ପରକୁ ଖାଲି ଆପଣାର କରିହୁଏନି, ପାପୀ ବି ପୁଣ୍ୟାତ୍ମାରେ ପରିଣତ ହୋଇଯାଏ ।



ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଧର୍ମାନ୍ଧ ମାନସିକତାରୁ...ଉର୍ଦ୍ଧ୍ୱରେ

ନିରୋଳା ନିଜକଥା-୫୨

ସୌମ୍ୟଶ୍ରୀ ପାଣିଗ୍ରାହୀ

ଦିଲ୍ଲୀରେ ପୋଡ଼ାଜଳା, ପ୍ରତିବାଦ ଓ ହିଂସା, ଅଦ୍ୟାବଧି ୩୮ ଜଣ ମୃତ । ଶତାଧିକ ଆହତ । ଦିଲ୍ଲୀ ବିଧାନସଭା ନିର୍ବାଚନ ସରିବା ପରେ ସତେ ଯେମିତି ସାରା ଅଞ୍ଚଳ ପାଲଟିଯାଇଛି ଏକ ରାଜନୈତିକ ପରୀକ୍ଷାଗାର । ନେତାମାନଙ୍କ ବିବାଦୀୟ ବୟାନବାଜୀ ଏବଂ ଅପରିଣାମଦର୍ଶୀ ପୋଲିସ୍‌ର ପଦକ୍ଷେପ ଯୋଗୁଁ ହିଂସା କମିବା ବଦଳରେ ବଢ଼ିଚାଲିଛି । କେବଳ ରାଜଧାନୀ ଦିଲ୍ଲୀ ନୁହେଁ, ଉଣାଅଧିକେ ଦେଶର ସବୁ ପ୍ରାନ୍ତରୁ ଏନ୍‌ଆର୍‌ସି ଏବଂ ସିଏଏକୁ ନେଇ ପ୍ରତିବାଦର ସ୍ୱର କ୍ଷୀଣରୁ ତୀବ୍ରତର ହେବାରେ ଲାଗିଛି । ଯଦିଓ ଏହା ସମର୍ଥନରେ ଏକ ସମାନ୍ତରାଳ ଅଭିଯାନ ମଧ୍ୟ ଚାଲିଛି; ମାତ୍ର ବିରୋଧର ମାତ୍ରା ଅଧିକ ହେବା ନିଶ୍ଚିତରୂପେ ଚିନ୍ତାଜନକ ବ୍ୟାପାର । ଏହା ପ୍ରକାରାନ୍ତରେ କେନ୍ଦ୍ର ସରକାରଙ୍କୁ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପ୍ରରୋଚିତ କରିପାରେ ।

ଗୋଟିଏ କଥା ମୋ' ମଗଜରେ ପଶୁନି, ଏ ଆଇନ କାହାପାଇଁ ? ଆମ ଭଳି ଅନ୍ୟ ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ ତ' ! ଯଦି ଆମ ପାଇଁ ଏବଂ ଆମର ସୁରକ୍ଷା ପାଇଁ ଆଇନ ମାଧ୍ୟମରେ ଏକ ପରିବର୍ତ୍ତନ କରାଯାଉଛି, ତେବେ ଏଥିରେ ବିବ୍ରତ ହେବାର କ'ଣ ବା ଅଛି ? ଥୋକେ କହିବେ, ଏଥିରେ ସବୁ ଧର୍ମକୁ ସହଜରେ ଗ୍ରହଣ କରାଯାଇଥିବାବେଳେ, ଏକ ଧର୍ମବିଶେଷକୁ ଜାଣିଶୁଣି ଉପେକ୍ଷା କରାଯାଇଛି । ମାତ୍ର ସେମାନେ ଭୁଲିଯାଉଛନ୍ତି ଯେ, ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଏବଂ ଏହାର ସମ୍ବିଧାନ କୌଣସି ଧର୍ମର ପୃଷ୍ଠପୋଷକତା କରେନାହିଁ; ବରଂ ଭାରତ ସର୍ବଧର୍ମ ସମନ୍ୱୟରେ ଏକ 'ବସୁଧୈବ କୁଟୁମ୍ବକମ୍' ବା ବିଶ୍ୱପରିବାରର ସ୍ୱପ୍ନ ଦେଖେ । ଏଠି ଧର୍ମ ଆଧାରରେ ବିଦ୍ୱେଷର ସ୍ଥାନ କାହିଁ ?

ଏବଂ ସବୁଠାରୁ ବଡ଼ କଥା ହେଉଛି, ଯେଉଁ ଧର୍ମକୁ ନେଇ ବିବାଦର ସୂତ୍ରପାତ ହୋଇଛି, ଆମ ଦେଶର ନାଗରିକ ଭାବେ ସେମାନଙ୍କୁ ମଧ୍ୟ ସମାନତାର ଅଧିକାର ଦିଆଯାଇଛି ଏବଂ ସେମାନେ ଭାରତରେ ସମ୍ପୂର୍ଣ୍ଣ ସୁରକ୍ଷିତ । ଏବେ ପ୍ରଶ୍ନ ଉଠୁଛି, ତା'ହେଲେ ଏ ବିବାଦ କ'ଣ ପାଇଁ ଏବଂ ଏହାର ସମାଧାନ ପାଇଁ ବିକଳ୍ପ କ'ଣ ସବୁ ହୋଇପାରେ ? ସ୍ୱାଭାବିକ ଭାବେ ଜନମାନସକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ପ୍ରେରିତ କରି ଏକ ଉତ୍ତେଜନାପୂର୍ଣ୍ଣ ବାତାବରଣ ପାଇଁ ଯଥେଷ୍ଟ ଇନ୍ଧନ ଯୋଗେଇଥିବା କିଛି ଉଗ୍ର ଭାଷଣ ଏବଂ ଜନମତର ଧ୍ରୁବୀକରଣ ହିଁ ଏଥିପାଇଁ ଦାୟୀ । 'ଅଳ୍ପବିଦ୍ୟା ଭୟଙ୍କରୀ' ନ୍ୟାୟରେ ଏହି ନିୟମ ଏବଂ ଏଥିସହ ଜଡ଼ିତ ସମସ୍ତ ବିନ୍ଦୁକୁ ଭଲଭାବେ ନ ବୁଝି ବିତଣ୍ଡା ବୟାନବାଜୀ କରିବା ଯୋଗୁଁ ହିଁ ଆଜି ସ୍ଥିତି ଏପରି ସଙ୍ଗୀନ ଅବସ୍ଥାରେ ପହଞ୍ଚିଛି ।

ଭାରତ ଏମିତି ଏକ ଦେଶ, ଯେଉଁଠି ଧର୍ମ ନାମରେ ଲୋକଙ୍କୁ ଭକୁଆ ବନେଇବା ସବୁଠାରୁ ସହଜ, କାରଣ ଏଠିକାର ଲୋକେ ସ୍ୱଭାବତଃ ଧର୍ମଭୀରୁ । ତେଣୁ ତ' ଧର୍ମକୁ ଆୟୁଧ କରି ରାଜନୀତି ମାଧ୍ୟମରେ ଜନସାଧାରଣଙ୍କ ଭାବାବେଗ ସହ ଖେଳ ଚାଲିଛି ଏବଂ ଦେଶବାସୀ ଏହାର ମଜା ନେଉଛନ୍ତି । ସାରା ଦେଶ ଏବେ ଟି.ଭି. ପର୍ଦ୍ଦାକୁ ଅନେଇଛି ସାହିନବାଗ ନ ହେଲେ ଦିଲ୍ଲୀ ଦଙ୍ଗା ସମ୍ପର୍କିତ ଆଉକିଛି ରୋଚକ ଖବର ଶୁଣିବା ପାଇଁ । ଟିକେ ଭାବିଲେ ଦେଖି, ନାଗରିକତା ସଂଶୋଧନ ଆଇନଠାରୁ ଆସି ଧର୍ମଘଟ ଦେଇ ରାଜନୀତି ପହଞ୍ଚିଲାଣି ଦଙ୍ଗା ଓ ରକ୍ତପାତ ପାଖରେ । ଏଇ କ'ଣ ଆମ ଧର୍ମନିରପେକ୍ଷତା ?

କିନ୍ତୁ ଏସବୁ ଭିତରେ ବି କିଛି ଏମିତି ଖବର ଆସି ପହଞ୍ଚିଛି, ଯାହା ଆମକୁ ପ୍ରେରିତ କରିବା ପାଇଁ ଯଥେଷ୍ଟ । ଉତ୍ତରପ୍ରଦେଶରେ ଏକ ମନ୍ଦିରରେ ମହନ୍ତ ସାଜିଛନ୍ତି ଜଣେ ମୁସଲମାନ ଯୁବକ ଏବଂ ବଡ଼ ସାତ୍ତ୍ୱିକ ଭାବେ ପୂଜା କରୁଛନ୍ତି । ଏଇଠି ଓଡ଼ିଶାରେ ମଧ୍ୟ ଜଣେ ମୁସଲିମ ଯୁବକ ଶିବରାତ୍ରିରେ ଅଖିଆ ଅପିଆ ଜାଗର ଜାଳି ଚର୍ଚ୍ଚାର ପରିଧିକୁ ଆସିଛନ୍ତି । ଆମ ସହର ଭଦ୍ରକରେ ତ' ହିନ୍ଦୁ-ମୁସଲିମ ଭାଇଚାରାର କଥା ସାରା ଦୁନିଆ ଜାଣିଛି ।

ଏଠି ମନ୍ଦିରରେ ଯେଉଁ ଦୀପ ଲଗାଯାଏ, ତାହା ମୁସଲିମ ଘର ଅଗଣାରୁ ଶୁଖା ହୋଇ ଆସେ, ପୁଣି ହିନ୍ଦୁଘରର ବଗିଚାରୁ ଫୁଲ ତୋଳା ହେଇ ମାଳରେ ସଜେଇ ମସଜିଦରେ ଶୋଭା ପାଏ । ଏଠି ଗୋଟେ ଗଳିରୁ ମାଇକ୍‌ରେ ଆଜାନ କି 'ଆଲ୍ଲା ହୋ...ଆକବର' ଶୁଭେ ତ' ଆଉ ଗୋଟେ ମନ୍ଦିରରୁ ଭାସିଆସେ ଶଙ୍ଖଘଣ୍ଟ ଧ୍ୱନି ସହ ସୁନ୍ଦର ଜଗନ୍ନାଥ ଭଜନଟିଏ । ସତେ ଯେମିତି ଏ ସହରରେ ପ୍ରଭୁ ଯିଏ... ଆଲ୍ଲା ସିଏ... ପୁଣି ରାମ ବି ସିଏ । ମୁଁ ଏଇଥିପାଇଁ ଭଦ୍ରକିଆ ଭାବେ ଗର୍ବ କରେ । ଆମ ସହରର ହିନ୍ଦୁ-ମୁସଲିମ ଧର୍ମର ସଦ୍‌ଭାବ ସତରେ ନିଆରା । ଅତୀତରେ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇଥିଲେ ବି କାହିଁ କେଉଁ ଆବହମାନ କାଳରୁ ଏଠି ଆମେ ସମସ୍ତେ କାନ୍ଧକୁ କାନ୍ଧ ମିଳେଇ ଠିଆ ହେଇଛୁ ।

ହଁ, ରାଜନୀତିରେ ଧର୍ମର କଥା କହୁଥିଲି ପରା ! ସେଦିନ ବିହାର ବିଧାନସଭାରେ ବଜେଟ୍ ଅଧିବେଶନ ଚାଲିଥାଏ । ନୈଷ୍ଠିକ ବ୍ରାହ୍ମଣ ଅର୍ଥମନ୍ତ୍ରୀ ନିଜ ବକ୍ତବ୍ୟ ଶେଷ କଲାବେଳେ କହିଲେ, 'ସୁଭାନ ଅଲ୍ଲାହ...' ଏବଂ ପ୍ରତ୍ୟୁତ୍ତରରେ କରତାଳି ସହ ମିଳିଲା, ଜଣେ ମୁସଲିମ ବିଧାୟକଙ୍କ କଣ୍ଠରୁ 'ଜୟ ଶ୍ରୀରାମ...'। ଏକ ମଜବୁତ ଧାର୍ମିକ ସଦ୍‌ଭାବନା ଓ ସଂପ୍ରୀତିର କେଡ଼େ ସୁନ୍ଦର ଅଭିବ୍ୟକ୍ତିଟିଏ ଦେଖିଲେ ! ଆମ ପରି ଧାର୍ମିକ ଭକୁଆମାନଙ୍କ ପାଇଁ ଏକ ସୁନ୍ଦର ଉଦାହରଣ ନୁହେଁ କି ? ମୋଟ୍ ଉପରେ, ଧର୍ମ ନାମରେ ଶଠତା ବନ୍ଦ ହେଉ ଏବଂ ସଂକୀର୍ଣ୍ଣ ଧର୍ମାନ୍ଧ ମାନସିକତାରୁ ଉର୍ଦ୍ଧ୍ୱକୁ ଉଠି ଆମେ ଏକ ଆଦର୍ଶ ମାନବବାଦର ପରିଚୟ ଦେଉ । ନା' କ'ଣ କହୁଛନ୍ତି ?

-ଛାଇ, ଜଗନ୍ନାଥ ବିହାର, ଭଦ୍ରକ
ଫୋନ୍-୭୦୦୮୬୦୧୧୬୧

ଭାରତରତ୍ନ ମୋରାର୍‌ଜୀ ଦେଶାଇ

କୈଳାସ ଚନ୍ଦ୍ର ଜେନା, ଆଡ୍‌ଭୋକେଟ୍

କୌଶଳୀ କୂଟନୀତିଜ୍ଞ, ରାଷ୍ଟ୍ରପ

ଟୟୋଟା କିଲୋସ୍କର ମୋଟର ପକ୍ଷରୁ ନୂଆ ବିଳାସପୂର୍ଣ୍ଣ ଭେଲ୍ଲଫିରେର ବଜାର ପ୍ରବେଶ

ଭୁବନେଶ୍ୱର-ଟୟୋଟା କିଲୋସ୍କର ମୋଟର ପକ୍ଷରୁ ଭାରତରେ ଏହାର ନୂଆ ବିଳାସପୂର୍ଣ୍ଣ ସେଲଫ୍-ଚାର୍ଜିଂ ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଯାନ ଭେଲ୍ଲଫିରେର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି ।
ନୂଆ ଭେଲ୍ଲଫିରେ ଶକ୍ତିଶାଳୀ ଡ୍ରାଇଭିଂ ଅଭିଜ୍ଞାତ ଉପଲବ୍ଧ କରାଇବାକୁ ସକ୍ଷମ ହେବ । ଏହା କମ୍ ଇନ୍ଧନରେ କାର୍ଯ୍ୟ କରିବାକୁ ସକ୍ଷମ । ଏହା କମ୍ କାର୍ବନ୍ ସୃଷ୍ଟି କରିବ । ଏହା ୪୦% ଦୂରତା ଏବଂ ୬୦% ସମୟ ବଂଚାଇବାକୁ ସକ୍ଷମ । ଏହା ଜିରୋ ଇମିସନ୍‌ରେ ଇଞ୍ଜିନ୍ ଅଫ୍ ମୋଡ୍‌ରେ ମଧ୍ୟ କାର୍ଯ୍ୟ କରିବାକୁ ସକ୍ଷମ ।
ଏଥିରେ ୨.୫ ଲିଟର ୪-ସିଲିଣ୍ଡର ଇଞ୍ଜିନ୍, ଗ୍ୟାସୋଲିନ୍ ହାଇବ୍ରିଡ୍ ଇଞ୍ଜିନ୍, ୮୬ କିଲୋୱାଟ୍(୧୧୫ ବିଏଚ୍‌ପି) ପାୱାର, ୧୯୮ ଏନ୍‌ଏମ୍ ଟର୍କ, ୨୮୦୦ରୁ ୪୦୦୦ ଆର୍‌ପିଏମ୍ ଆଦି ବୈଶିଷ୍ଟ୍ୟ ରହିଛି । ଏଥିରେ ୨ଟି ଇଲେକ୍ଟ୍ରିକ୍ ମୋଟର ଏବଂ ବ୍ୟାଟେରୀ ରହିଛି । ୭ ଏସ୍‌ଆର୍‌ଏସ୍ ଏୟାର ବ୍ୟାଗ୍, ଭିଡିଆଇଏମ୍, ଏଚଏସି, ଭିଏସ୍‌ସି ଆଦି ସରୁକ୍ଷିତ ବୈଶିଷ୍ଟ୍ୟ ରହିଛି । ଏହା ବର୍ଣ୍ଣ ବ୍ଲାକ୍, ହ୍ୱାଇଟ୍ ପର୍ଲ, ଗ୍ରାଫାଇଟ୍ ଏବଂ ବ୍ଲାକ୍ ଆଦି ୪ଟି ଆକର୍ଷଣୀୟ ବାହ୍ୟ ରଙ୍ଗରେ ଉପଲବ୍ଧ ହେଉଛି । ଏହା ସହିତ ଫ୍ଲାକ୍ସନ୍ ଏବଂ ବ୍ଲାକ୍ ଆଦି ୨ଟି ଆଭ୍ୟନ୍ତରୀଣ ରଙ୍ଗରେ ଉପଲବ୍ଧ ହେଉଛି । ଏହା ଭାରତରେ କେରଳ ବ୍ୟତିତ ଅନ୍ୟ ଅଂଚଳରେ ଉପଲବ୍ଧ ହେଉଥିବାବେଳେ ଏହାର ଏକ୍ସ-ଶୋରୁମ୍ ମୂଲ୍ୟ ୭୯,୫୦,୦୦୦ ଟଙ୍କା ରହିଛି । ଏହା ପ୍ରଥମ ୩ ମାସର ଶିପ୍‌ମେଂଟ୍ ବିକ୍ରି ହୋଇ ସାରିଛି । ଏହା ଲିଟର ପିଛା ୧୬.୩୫ କିମି ଦୂରତା ଅତିକ୍ରମ କରିବାକୁ ସକ୍ଷମ ।ଏହି ଅବସରରେ ଟୟୋଟା କିଲୋସ୍କର ମୋଟରର ଉପାଧ୍ୟକ୍ଷ ବିକ୍ରମ କିଲୋସ୍କକର କହିଲେ, "ସମ୍ପ୍ରତି ଭାରତୀୟ ଅଟୋମୋଟିଭ୍ ଶିଳ୍ପରେ ଗ୍ରାହକ ଅବିଜ୍ଞାତ ବୃଦ୍ଧି ପାଇଁ ବିଭିନ୍ନ ଜ୍ଞାନକୌଶଳର ନବୀକରଣ ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ଆମେ ଭାରତରରେ ଗ୍ରାହକଙ୍କ ଆବଶ୍ୟକତା ବୁଝି ଉତ୍ପାଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛୁ । ନୂଆ ଟୟୋଟା ଭେଲ୍ଲିରେ ମାଧ୍ୟମରେ ଟୟୋଟା ଗ୍ରାହକଙ୍କ ନିକଟରେ ନିଜର ଲୋକପ୍ରିୟତା ପୁଣି ଜାହିର୍ କରିବାକୁ ସକ୍ଷମ ହୋଇପାରିବ ।ଏହା ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରିପାରିବ ତଥା ପରିବେଶ ଉପଯୋଗୀ ହୋଇପାରିବ ।ଏହି ଅବସରରେ ଟୟୋଟା କିଲୋସ୍କର ମୋଟରର ପରିଚାଳନା ନିର୍ଦ୍ଦେଶକ ମାସାକାଜୁ ୟୋଶିମୁରା କହିଲେ, ଟୟୋଟା ଭାରତରେ ଏହାର ନୂଆ ଯାତ୍ରା ଆରମ୍ଭ କରିଛି । ଇଲେକ୍ଟ୍ରିକ୍ ଯାନ କ୍ଷେତ୍ରରେ ଆମେ ପୁଣି ଏକ ମାଇଲଖୁଂଟ ସ୍ଥାପନ କରିଛୁ । ଭେଲ୍ଲଫିରେ ଦ୍ୱାରା ଆମେ ଜିରୋ କାର୍ବନ ଡାଇଅକ୍ସାଇଡ୍ ସୃଷ୍ଟି ଚ୍ରାଲେଞ୍ଜ ଗ୍ରହଣ କରିବାକୁ ସକ୍ଷମ ହୋଇପାରିବୁ । ଟୟୋଟା ନିରନ୍ତର ଗ୍ରାହକଙ୍କ ଆବଶ୍ୟକତା ଓ ବିଶ୍ୱାସନୀୟତା ଜିଣି ପାରିଛି । ଟୟୋଟା ନବୀନତମ ଉତ୍ପାଦ ଧାରା ବଜାୟୀ ରଖିବା ସହିତ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରୁଛି ।ଏହି ଅବସରରେ ଟୟୋଟା କିଲୋସ୍କର ମୋଟରର ବରିଷ୍ଠ ଉପସଭାପତି ନବୀନ ସୋନୀ କହିଲେ, ଟୟୋଟା ଡେଲ୍ଲଫିରେ ଅନନ୍ୟ ଗଠନଶୈଳୀର ତଥା ବିଳାସପୂର୍ଣ୍ଣ ଯାନର ଏକ ଉଚ୍ଚକୋଟୀର ଉତ୍ପାଦ ସାବ୍ୟସ୍ତ ହେବାର ଆଶା ରହିଛି । ଆମର ନୂଆ ଉତ୍ପାଦ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହୋଇପାରିବ । ଏଥିରେ ସେଲଫ୍ ଚାର୍ଜିଂ ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଜ୍ଞାନକୌଶଳକୁ ଅନ୍ତର୍ଭୁକ୍ତ କରାଯାଇଛି ।ଟୟୋଟା ୨୦୫୦ର ଚ୍ୟାଲେଞ୍ଜକୁ ଦୃଷ୍ଟରେ ରଖି ପରିବେଶ ଉପଯୋଗୀ ନିର୍ମାଣ କରିଛି ।ଟୟୋଟା ନିଜର କ୍ୱାଲିଟି, ଡ୍ୟୁରାବିଲିଟି ଏବଂ ରିୟଲବିଲିଟି ଆଦି ଗୁଣକୁ ବଜାୟ ରଖି ଭେଲ୍ଲଫିରେର ନିର୍ମାଣ କରିଛି ।
ଏଥିରେ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ୧୭-ସ୍ପିକର ଜେବିଏଲ୍ ପ୍ରିମିୟମ ଅଡ଼ିଓ, ପାୱାର ଆଡଜଷ୍ଟବୁଲ୍ ସିଟ୍, ଓଟୋମାନ୍ ଫଙ୍କଶନ୍, ୧୬ କଲର ଆମ୍ବିଏଂଟ୍ ଲାଇଟ୍, ସୁପର ଲଙ୍ଗ୍ ସିଟ୍ ସହିତ ସ୍ଲାଇଡିଂ ଫଙ୍କଶନ୍ ମଧ୍ୟ ରହିଛି ।

ଦୁଇଦିନ ଭିଜିଲା ପରେ ଆରମ୍ଭ ହେଲା ଜାତୀୟ ବାଣିଜ୍ୟ ମେଳା

କେନ୍ଦୁଝର(ପିଏନ) : ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ ବାଣିଜ୍ୟ ମେଳା ଦୁଇଦିନ ଧରି ନିର୍ଘାତ ବର୍ଷା ଯୋଗୁଁ ବନ୍ଦ ହୋଇ ପଡିବା ପରେ ୨୬ ତାରିଖରୁ ଆରମ୍ଭ ହୋଇଛି । ଆକାଶରେ ସୂର୍ଯ୍ୟଙ୍କୁ ଦେଖିବା ପରେ ଆବାଳ ବୃଦ୍ଧ ବନିତା ଗୋଟିଏ ଗୋଟିଏ ମେଳା ପଡିଆରେ ଦେଖା ଯାଉଛନ୍ତି । ଧିରେ ଧିରେ ବଢୁଥିବା ଜନସାଧାରଣଙ୍କର ଭିଡକୁ ଦେଖି ଆଗାମୀ ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳା କିଛି ବ୍ୟବସାୟ ହେବାର ଆଶା ଉପୁଜୁଛି । ଏହି ବିଷୟରେ ମେଳାର ଅନ୍ୟତମ କାର୍ଯ୍ୟକର୍ତ୍ତା ସୋମ୍ ପହୀଙ୍କୁ ପଚାରିବାରୁ ଅବଶିଷ୍ଟ ଦିନ ମାନଙ୍କରେ ମେଳାରେ ବ୍ୟବସାୟ ହେବାର ଆଶା ପୋଷଣ କରିବା ସହ ଜନସାଧାରଣଙ୍କୁ ବହୁଳ ମାତ୍ରାରେ ଆସି ଉଦ୍ୟମକୁ ସଫଳ କରିବା ପାଇଁ ନିବେଦନ କରିଥିଲେ ।

ହେଲୋ ପକ୍ଷରୁ 'ହେଲୋଲାଇଭ'ରଶୁଭାରମ୍ଭ

ନୂଆଦିଲ୍ଲୀ : ଆପ୍‌ଭିତ୍ତିକ ଉନ୍ନତ ସେବା ଓ ଅନୁଭବଯୋଗାଣ ଲକ୍ଷ୍ୟରେ ହେଲୋ ନୂଆକରି ' ହେଲୋ ଲାଇଭ'ର ଶୁଭାରମ୍ଭ କରିଛି । ବିଭିନ୍ନ ବିଷୟବସ୍ତୁ ପାଇଁ ନିଜର ଏକାଧିକ ଟୁଲ ମଧ୍ୟରେ ଏହା ଅତିରିକ୍ତ ଭାବେ ଆଉ ଏକ ନୂଆ ବ୍ୟବସ୍ଥାର ଶୁଭାରମ୍ଭ କରିଛି । ନିଜର ପ୍ରିୟ ଅଭିନେତା, ଅଭିନେତ୍ରୀ , ଲୋକପ୍ରିୟ ନବସର୍ଜନାକାରୀଙ୍କ ସହ ପ୍ରଶଂସକକଯୋଗସୂତ୍ର ଅଧିକ ନିବିଡ କରିବା ପାଇଁ ହେଲୋ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଏହି ପ୍ରତିଶ୍ରୁତିବଦ୍ଧତାର ଅଂଶ ସ୍ୱରୂପ ହେଲୋ ପକ୍ଷରୁ ନୂଆକରି ପ୍ରତ୍ୟକ୍ଷ ଲାଇଭ ଭିଡ଼ିଓର ପ୍ରସାରଣ 'ହେଲୋ ଲାଇଭ' ଜରିଆରେକାର୍ଯ୍ୟକାରୀହେବ । ଏହା ମାଧ୍ୟମରେ ଜନସାଧାରଣ ବିଭିନ୍ନ ଭାରତୀୟ ଭାଷାରେ ମତ ବିନିମୟ କରିପାରିବେ ।

ଓଡ଼ିଶା ସରକାରଙ୍କ ପକ୍ଷରୁ ୫୬୩ କୋଟି ଟଙ୍କାର ୨ଟି ନୂତନ ପୁଞ୍ଜିନିବେଶ ପ୍ରସ୍ତାବ ମଞ୍ଜୁର

ଭୁବନେଶ୍ୱର : ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ସୁଯୋଗର ଅଭିବୃଦ୍ଧି କ୍ଷେତ୍ରରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ଆଜି ରାଜ୍ୟ ସରକାର ୫୬୩ କୋଟି ଟଙ୍କାର ୨ଟି ନୂଆ ପୁଞ୍ଜି ନିବେଶ ପ୍ରକଳ୍ପ ପ୍ରସ୍ତାବକୁ ୯୦ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ରେ ନିତୀଗତ ଅନୁମୋଦନ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ୍ ଠାରେ ଅନୁଷ୍ଠିତ ଏକ ବୈଠକରେ, ଶିଳ୍ପ କମିଶନର ତଥା ସଚିବ ହେମନ୍ତ ଶର୍ମାଙ୍କ ସହାୟତାରେ ଏହି ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ ଦିଆଯାଇଛି ଏବଂ ନିବେଶ ପ୍ରସ୍ତାବ ପ୍ଲାଷ୍ଟିକ ଏବଂ ଇସ୍ପାତ ଏବଂ ଭିତ୍ତିସଂରଚନା ଉପରେ ପର୍ଯ୍ୟବେସିତ ଥିଲା । ଏହି ୨ଟି ପ୍ରକଳ୍ପରେ ୧୨୭୩ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହୋଇଛି ।ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ପକ୍ଷରୁ ଗ୍ଲେନ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ କୁ ବାର୍ଷିକ ୯୨୬୧ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ପ୍ଲାଷ୍ଟିକ ଫୁଡ କଣ୍ଟେନର ଏବଂ ମଡ୍ୟୁଲଡ ପପେର ତିଆରି କରିବା କାର୍ଯ୍ୟ ନିମନ୍ତେ ୬୩ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି । ଏଠାରେ ୨୭୩ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସେହିପରି ରାଜ୍ୟର ଇସ୍ପାତ କ୍ଷେତ୍ରରେ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ପକ୍ଷରୁ ବାର୍ଷିକ ୭୫୦୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଆଲୁମିନିୟମ ଏକ୍ସଟ୍ରୁକସନ ପ୍ଲାଣ୍ଟ ର ସଂମ୍ପ୍ରସାରଣ ନିମନ୍ତେ ଜିନ୍ଦଲ ଆଲୁମିନିୟମ ଲିମିଟେଡ କୁ ଅତିରିକ୍ତ ୫୦୦ କୋଟି ଟଙ୍କାର ଏକ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହାଦ୍ୱାରା ୧୦୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

କଟକରେ ଟପରଓ୍ୱେୟାରର ନୂତନ ଶୋରୁମ

ଭୁବନେଶ୍ୱର : ବିଶ୍ୱର ପ୍ରମୁଖ ହୋମଓ୍ୱେୟାର ବ୍ରାଣ୍ଡ ଟପରଓ୍ୱେୟାର କଟକରେ ନିଜର ନୂତନ ଶୋରୁମର ଉଦ୍‌ଘାଟନ କରି ସମ୍ପୂର୍ଣ୍ଣ ଦେଶରେ ଏହାର ୫୧ତମ ଷ୍ଟୋର ଖୋଲିଛି । ଏହାବ୍ୟତିତ ଇ-ଟେଲ୍ ମାର୍କେଟିଙ୍ଗରେ ଅଗଷ୍ଟ ୨୦୧୯ରେ ପ୍ରବେଶ କରି ଏହାର ସମସ୍ତ ସାମଗ୍ରୀ ଆମାଜନ, ଫ୍ଲିପ୍‌କାଟ୍ ଓ ପେଟିଏମ୍‌ରେ ଉପଲବ୍ଧ ହୋଇଛି । ଏହି ଅବସରରେ ଟପରଓ୍ୱେୟାର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୀପକ ଛାବରା କହିଛନ୍ତି ଯେ, "କଟକରେ ଆମେ ନିଜର ଏକ ନୂତନ ଷ୍ଟୋରର ଉଦ୍‌ଘାଟନ କରିଥିବାରୁ ଆମେ ବହୁତ ଖୁସି । ଆଶା କରାଯାଉଛି ଯେ, ସମସ୍ତ ଗ୍ରାହକ ନିଜର ଘରୋଇ ସାମଗ୍ରୀ ନିକଟସ୍ତ ଷ୍ଟୋରରୁ ପାଇପାରିବେ ଏବଂ ଏହା ଉଭୟ ଇ-ଟେଲ୍ ଓ ରି-ଟେଲ୍ ଉପାୟରେ ଉପଲବ୍ଧ ହେବ । ଗତ ୬ ମାସ ମଧ୍ୟରେ ଆମର ୫୦ଟି ଆଉଟଲେଟ୍ ଖୋଲିବାର ଲକ୍ଷ୍ୟ ପୁରା ହେବା ସହ ଆଶା କରାଯାଉଛି ୨୦୨୦ ସୁଧା ୧୦୦ରୁ ଅଧିକ ଆଉଟଲେଟ୍ ଖୋଲିବାର ସ୍ୱପ୍ନ ପୂରା ହୋଇପାରିବ ।"କଟକର ଏନ୍‌ଏସ୍‌ସି ଆରକେଡ୍, ଜେଲ୍ ରୋଡ଼, ଯାହାକି ୫୦୦ ବର୍ଗ କିଲୋମିଟର ସ୍ଥାନରେ ବିସ୍ତାରିତ ଯାହା ଫ୍ରାନଚାଇସ୍ ଶ୍ରମତୀ ଆଶା ଗୁପ୍ତା ନେଇଛନ୍ତି । ଏହା କଟକର ଏକ ବିଶିଷ୍ଟ ସ୍ଥାନରେ ଉପସ୍ଥିତ ଯାହା ଗ୍ରାହକ ମାନଙ୍କୁ ବହୁତ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି ।

ଗୋଏୟାରଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଦଶମଶ୍ରେଷ୍ଠସମୟାନୁବର୍ତୀବିମାନ କଂପାନି

ଭୁବନେଶ୍ୱର:ୟୁକେସଂସ୍ଥାସିରିଅମ ପକ୍ଷରୁ ଭାରତୀୟ ବିମାନ କଂପାନି ଗୋଏୟାରକୁ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳର ଦଶମଶ୍ରେଷ୍ଠସମୟାନୁବର୍ତୀବିମାନ କଂପାନି ରମାନ୍ୟତା ପ୍ରଦାନ କରାଯାଇଛି ।ଏହି ସଂସ୍ଥା ୩୫ ନିୟୁତବିମାନକୁ ଅନୁଧ୍ୟାନ କରିବା ପରେ ଗୋଏୟାରକୁ ଏହି ରାଙ୍କ ପ୍ରଦାନ କରିଛି । ୨୦୧୯ରେ ୭୬.୯୪% ଅନ ଟାଇମ ପରଫରମାନ୍ସ (ଓଟିପି) ସହିତଭାରତରଏକମାତ୍ରବିମାନ କଂପାନିଭାବେଗୋଏୟାରଏସିଆ ପାସିଫିକ (ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳ)ରେଶ୍ରେଷ୍ଠ ୧୦ ବିମାନ କଂପାନିମଧ୍ୟରେସ୍ଥାନ ପାଇଛି ।ସିରିଅମ ପକ୍ଷରୁ ୬୦୦ ବିଶ୍ୱସ୍ତରୀୟ ଉତ୍ସକ ବ୍ୟବହାର କରିମାସକୁ ୩୦ ଲକ୍ଷ ବିମାନ ଉପରେ ନଜର ରଖାଯାଇଛି । ବିଶ୍ୱର ୯୭% ସିଡ୍ୟୁଲଡ ବିମାନ ଉପରେଏହା ନଜର ରଖିପାରୁଛି ।
ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଓଟିପି ର୍ୟାଙ୍କିଙ୍ଗରେ କ୍ରମାଗତ ୧୫ ମାସ ପର୍ଯ୍ୟନ୍ତ ଶୀର୍ଷ ସ୍ଥାନରେ ରହିଥିବା ଗୋଏୟାର ପାଇଁ ସିରିଅମର ମାନ୍ୟତା ଏହାରସଫଳତା ପୁସ୍ତକରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ।

କେଆଇୟୁଜିରେ ପ୍ରତିଭାଙ୍କ ସନ୍ଧାନରେ ଭାରତୀୟ ମହିଳା ଫୁଟବଲ ଟିମ କୋଚ୍

ଭୁବନେଶ୍ୱର: ଚଳିତ ବର୍ଷ ଶେଷ ଆଡ଼କୁ ଭାରତ ୧୭ ବର୍ଷରୁ କମ୍ ମହିଳା ବିଶ୍ୱ କପ୍‌ର ଆୟୋଜନ ପାଇଁ ପ୍ରସ୍ତୁତ ଥିବା ସହିତ ଦେଶରେ ଏବେ ଅନେକଙ୍କ ନଜର ମହିଳା ଗେମ୍ବଗୁଡ଼ିକ ଉପରେ ରହିଛି । ଏମିତିରେ ପାଖାପାଖି ପ୍ରତ୍ୟେକ ମ୍ୟାଚରେ ଜଣଙ୍କର ଉପସ୍ଥିତି ରହିଛି ଏବଂ ସେ ହେଉଛନ୍ତି ନ୍ୟାସନାଲ ମହିଳା ଟିମର କୋଚ ମୈମୋଲ ରକି । ଗୌହାଟିଠାରେ ଆୟୋଜିତ ଖେଲୋ ଇଣ୍ଡିଆ ୟୁଥ ଗେମ୍ବରେ ରକି ଜଣେ ସ୍ଥାୟୀ ବ୍ୟକ୍ତିତ୍ୱ ଥିଲେ ଏବଂ ଭବିଷ୍ୟତ ପାଇଁ ନୂତନ ପ୍ରତିଭାଙ୍କ ସନ୍ଧାନ ଆଶାରେ ସେ ଏବେ ଭୁବନେଶ୍ୱର ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ବ ୨୦୨୦ରେ ମଧ୍ୟ ଉପସ୍ଥିତ ।
''ପ୍ରତିଯୋଗିତା କଣ ରହିଛି ତାହା ଫରକ ପଡ଼େନାହିଁ । ମୁଁ ବିଶ୍ୱାସ କରେ ଯଦି ମୁଁ ସେମାନଙ୍କ ମଧ୍ୟରୁ ଦୁଇଟି ଖେଳାଳୀଙ୍କୁ ଖୋଜି ବାହାର କରିପାରିବି, ତେବେ ଆମେ ନ୍ୟାସନାଲ ଟିମରେ କିଛି ସାମିଲ କରିପାରିବୁ, ''ବୋଲି ସେ କହିଛନ୍ତି । ପାର୍ଶ୍ୱରୁ ବାଳିକାମାନଙ୍କର ଫୁଟବଲ ପ୍ରତିଯୋଗୀତା ଦେଖି ରକି ଆନାମଲାଇ ୟୁନିଭର୍ସିଟି ଏବଂ ଗୋଆ ୟୁନିଭର୍ସିଟିଙ୍କୁ ତାଙ୍କ ପ୍ରିୟ ଭାବେ ଚିହ୍ନିତ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ସଂଖ୍ୟକ ଖେଳାଳୀ ନୀକଟରେ ଆୟୋଜିତ ହୋଇଥିବା ଆଇଡବ୍ଲୁଏଲରେ ଖେଳିଛନ୍ତି, ଯାହାକି ଉପଯୁକ୍ତ ।
''ଗୋଟିଏ ଦଳରେ ସବୁବେଳେ ଜଣେ କିମ୍ବା ଦୁଇଜଣ ଶ୍ରେଷ୍ଠ ଖେଳାଳୀ ଥାନ୍ତି । ସେଥିରେ ପୁର୍ବରୁ ହିଁ ଅନେକ ନ୍ୟାସନାଲ କ୍ୟାମ୍ପର ଅଂଶ ହୋଇଥିବେ କିମ୍ବା ପାଖାପାଖି ଥିବେ । ଏଠାକୁ ଆସିବାର ଉଦ୍ଦେଶ୍ୟ ହେଉଛି କିଛି ଅନ୍ୟ ଖେଳାଳୀଙ୍କୁ ପାଇବା । ଏଠାରୁ ଆମେ କିଛି ଅଧିକ ଖେଳାଳୀ ପାଇପାରିବୁ ବୋଲି ଅଶାୟୀ । ''ଗତ କିଛି ବର୍ଷ ହେବ ଦେଶରେ ବାଳିକାଙ୍କ ପାଇଁ ପ୍ରତିଯୋଗୀତା ସଂଖ୍ୟାରେ ବୃଦ୍ଧିକୁ ନେଇ ରକି ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି ଏବଂ ମହିଳା ଫୁଟବଲକୁ ଏକ ପ୍ଲାଟଫର୍ମ ଯୋଗାଇଦେଇଥିବାରୁ ଖେଲୋ ଇଣ୍ଡିଆ ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ''କ୍ୟାମ୍ପରେ ଯେତେ ଅଧିକ ସଂଖ୍ୟକ ଖେଳାଳୀ ରହିବେ ଏହା ଭାରତୀୟ ଫୁଟବଲ ଜଗତ ପାଇଁ ସେତେ ଉନ୍ନତ ହେବ । ''

ହାୟର ଇଣ୍ଡିଆ ପକ୍ଷରୁ ୮୩ଟି ନୂତନ ପିଢି ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର: ଆନ୍ତର୍ଜାତୀୟ ହୋମ୍ ଆପ୍ଲାଏନ୍ସେସ୍ ଓ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ତଥା ବିଶ୍ୱର ଏକ ନମ୍ବର ବୃହତ୍ ଆପ୍ଲାଏନ୍ସେସ୍ ବ୍ରାଣ୍ଡ, ହାୟର୍ ପକ୍ଷରୁ ୮୩ଟି ନୂତନ ଉତ୍ପାଦ ଶୁଭାରମ୍ଭ କରାଯିବା ସହ ହୋମ୍ ଆପ୍ଲାଏନ୍ସେସ୍ ଶିଳ୍ପରେ ଆଇଓଟି ଯୁଗର ବିସ୍ତାର ପାଇଁ ଏହାର ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି । ହାୟର ରେଫ୍ରିଜରେଟର୍, ଏୟାର କଣ୍ଡିସ୍‌ନର, ୱାଶିଙ୍ଗ୍ ମେସିନ୍, ଏଲ୍‌ଇଡି ଟିଭି ଓ ଅନ୍ୟାନ୍ୟ ପ୍ରମୁଖ ବର୍ଗରେ ଏହାର ଉତ୍ପାଦ ଶୃଙ୍ଖଳାର ସମ୍ପ୍ରସାରଣ କରିଛି । ହାୟର୍ ଭାରତୀୟ ବଜାର ପାଇଁ ଏହାର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ କରିବା ପାଇଁ ଏହାର ୨୦୨୦ ଲକ୍ଷ୍ୟକୁ ଆଗକୁ ବଢରଇଛି ।

ହାଇଦ୍ରାବାଦ ଇଂଟର୍‌ନ୍ୟାସ୍‌ନାଲ କନ୍‌ଭେନ୍‌ସନ୍ ସେଂଟର୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ହାୟର୍‌ର ଅତ୍ୟାଧୁନିକ ସ୍ମାର୍ଟହୋମ୍ ସଲ୍ୟୁସନ୍‌ର ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ହାୟର ଏସି, ୱାଶିଙ୍ଗ ମେସିନ୍, ରେଫ୍ରିଜରେଟର୍, ଟିଭି, ମାଇକ୍ରୋୱେଭ୍, ଡିପ୍ ଫ୍ରିଜର୍ ଓ ୱାଟର ହିଟର ଆଦି ବର୍ଗରେ ବିଭିନ୍ନ ଉତ୍ପାଦ ପ୍ରଦର୍ଶନ କରାଯାଇଛି । ହାୟର ସବୁବେଳେ ଗ୍ରାହକ-ଅନୁପ୍ରାଣିତ ଉଦ୍ଭାବନ ଗୁଡିକୁ ପ୍ରୋତ୍ସାହିତ କରିଆସିଛି ଏବଂ ନୂଆ ଉତ୍ପାଦ ବଜାରକୁ ଆଣି ନିଜ ଗ୍ରାହକଙ୍କ ଅସମ୍ଭୋଧିତ ଆବଶ୍ୟକତାଗୁଡିକୁ ନିରନ୍ତର ଭାବେ ପୂରଣ କରିଆସିଛି । ସ୍ମାର୍ଟ ହୋମ୍ ସଲ୍ୟୁସନ୍ସ ପାଇଁ ଏହାର ଉତ୍ପାଦ ଶୃଙ୍ଖଳର ସମ୍ପ୍ରସାରଣ ସହ ଏହି ବ୍ରାଣ୍ଡ ଭବିଷ୍ୟତରେ ଏହାର ବିଭିନ୍ନ ବର୍ଗରେ ଉଚ୍ଚ ସ୍ତରର ବିକାଶ ଜାରି ରଖିବାକୁ ଏବଂ ଭାରତରେ ବର୍ଦ୍ଧିତ ଉପଭୋକ୍ତା ଆଧାରକୁ ସେବା ପ୍ରଦାନ କରିବାକୁ ଆଶା ରଖିଛି ।
ଏଠାରେ ପ୍ରଦର୍ଶିତ ହୋଇଥିବା ଆଇଓଟି ଓ ଏୟାଇ ପରିଚାଳିତ କିଛି ପ୍ରମୁଖ ଉତ୍ପାଦ ହେଉଛି ଆଣ୍ଡ୍ରଏଡ୍ ଓ ଗୁଗଲ୍ ସାର୍ଟିଫାଏଡ୍ ସ୍ମାର୍ଟ ଏଲ୍‌ଇଡି ଟିଭି, ୱାଇଫାଇ ସକ୍ଷମ ୱାଶିଙ୍ଗ ମେସିନ୍, ଇଣ୍ଡଷ୍ଟ୍ରୀର ସର୍ବବୃହତ୍ ଇନ୍‌ଡୋର୍ ୟୁନିଟ୍ ସହ ନୂତନ କ୍ଲିନ୍ କୁଲ୍ ରେଞ୍ଜ୍‌ର ଏସି, ଡୋର୍‌ରେ ଇନ୍‌ଷ୍ଟଲ ହୋଇଥିବା ଏକ ଇନ୍-ବିଲ୍ଟ ଏଲ୍‌ଇଡି ସ୍କ୍ରିନ୍ ସହ ସ୍ମାର୍ଟ ରେଫ୍ରିଜରେଟର୍ ଇତ୍ୟାଦି । ହାୟର୍ ଭାରତରେ ବୃହତ୍ ଫର୍ମାଟ୍ ଷ୍ଟୋର୍‌ର ଏକ ବିଶାଳ ଖୁଚୁରା ନେଟ

ମୋ ଓଡ଼ିଶା

ଭିନ୍ନ ଏକ ବ୍ୟକ୍ତିତ୍ୱ: କଟକର ରବିନ୍ଦ୍ର କୁମାର ଅଗରୱାଲ୍ ଭିନ୍ନକ୍ଷମ ହୋଇବି ଆଜି ଜଣେ ସଫଳ ବ୍ୟବସାୟୀ ଓ ବିଶିଷ୍ଟ ସମାଜସେବୀ

ଭୁବନେଶ୍ୱର (ପିଏନ୍)- ଗତକାଲି ଆମର ଜଣେ ବରିଷ୍ଠ ସାମ୍ବାଦିକ ଭିନ୍ନ ଏକ ବ୍ୟକ୍ତିତ୍ୱ କ୍ରମରେ ସାକ୍ଷାତ୍ କରିଥିଲେ କଟକର ଜଣେ ଭିନ୍ନକ୍ଷମ ସଫଳ ବ୍ୟବସାୟୀ ତଥା ବିଶିଷ୍ଟ ସମାଜସେବୀ ଶ୍ରୀ ରବିନ୍ଦ୍ର କୁମାର ଅଗ୍ରୱାଲ୍‌ଙ୍କୁ । ଶ୍ରୀ ଅଗ୍ରୱାଲ୍ ୧୯୬୪ ମସିହା ଜାନୁୟାରୀ ମାସ ୧୯ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ ଜନ୍ମରୁ ଦୃଷ୍ଟିବାଧିତ ନ ଥିଲେ । ଛୋଟ ବେଳେ ଏକ ରୋଗରେ ପଡି ସେ ତାଙ୍କ ଦୃଷ୍ଟିଶକ୍ତି ହରାଇଥିଲେ, ମାତ୍ର ତାଙ୍କର ଦୃଢ ଇଚ୍ଛାଶକ୍ତି ଓ ଅଦମ୍ୟ ସାହସ ଯୋଗୁଁ ସେ ୧୯୮୦ମସିହାରେ କଟକର ମାର୍‌ୱାଡି ଉଚ୍ଚବିଦ୍ୟାଳୟରୁ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ । ଏହାପରେ ସେ କଟକରେ ଛୋଟ ଛୋଟ ବ୍ୟବସାୟ ଆରମ୍ଭ କରିବା ସହ ଦେଶର ଉନ୍ନତି ଓ ଅଗ୍ରଗତି ପାଇଁ ନିଜକୁ ସମାଜସେବାରେ ସମର୍ପି ଦେଇଥିଲେ । ଇତିମଧ୍ୟରେ ସେ ଓଡିଶାର ସର୍ବପୁରାତନ ସହର କଟକର ଚୌଧୂରୀ ବଜାରରେ ଆର୍.ଆର୍ ଟେକ୍ସଟାଇଲ୍ ନାମରେ ଏକ ରେଡିମେଡ୍ ପୋଷାକ ଦୋକାନ କରି ସଫଳ ବ୍ୟବସାୟୀ ହେବା ସହ ଓଡିଶା ତଥା ଭାରତର ଲୋକମାନଙ୍କର କଲ୍ୟାଣ ପାଇଁ ନିଜକୁ ବିଭିନ୍ନ ଜନହିତକର କାମରେ ନିୟୋଜିତ କରିଛନ୍ତି । ଏଠାରେ ପ୍ରକାଶ ଥାଉକି, ସେ ଆର୍.ଏସ୍.ଏସ୍ ଓ ଗୋମାତା ଫାଉଣ୍ଡେସନର ସକ୍ରିୟ ସଦସ୍ୟ ଅଛନ୍ତି । ସେ ମଧ୍ୟ କଟକ ଜିଲ୍ଲା ବି.ଜେ.ପି ଦଳରେ ସକ୍ରିୟ ସଦସ୍ୟ ଭାବେ କାମ କରୁଛନ୍ତି । ସେ ତାଙ୍କର ସମାଜସେବାର ଅଭିଜ୍ଞତାକୁ ଆଧାର କରି କହିଛନ୍ତି ଯେ, ଯଦି ସରକାର ରହିଁବେ, ତେବେ ମୁଁ ସମାଜ ପାଇଁ ଆହୁରି ଭଲ କାମ କରିପାରିବି ଏବଂ ଦଳକୁ ସୁଦୃଢ କରିବା ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଉପଯୁକ୍ତ ପ୍ରସ୍ତାବମାନ ଦେଇପାରିବି । ଏଥିସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସମସ୍ତ ଧର୍ମ ଯେପରି ହିନ୍ଦୁ, ମୁସଲ୍‌ମାନ, ଶିଖ୍ ଓ ଖ୍ରିଷ୍ଟିଆନ୍‌ମାନଙ୍କୁ ସ୍ନେହ ରୂପକ ରଜ୍ଜୁରେ ଏକତ୍ର ବାନ୍ଧି ସମସ୍ତଙ୍କ ମନରେ ଭାଇଚାରାର ଭାବ ଜାଗ୍ରତ କରିବି ଓ ମୁଁ ନିଜେ ସମସ୍ତଙ୍କ ସହ ଭାଇଚାରାର ସମ୍ପର୍କ ରଖିବି । ଆମ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱକୁ ବହୁତ ପସନ୍ଦ କରେ । ଏହାଛଡା କଟକର ମାନ୍ୟବର ବିଧାୟକ ମହମ୍ମଦ ମୋକିମ୍ ଓ କଟକର ଭୂତପୂର୍ବ ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ମହାନ୍ତିଙ୍କ ସହ ମିଶି ଭାରତକୁ ପରମ ବୈଭବଶାଳୀ କରି ଗଢି ତୋଳିବା ପାଇଁ ଆଜୀବନ ଜନକଲ୍ୟାଣକାରୀ କାମମାନ କରିବି । ଅଖଣ୍ଡ ଭାରତ ଗଢିବା ହିଁ ମୋର ସ୍ୱପ୍ନ ।

ଓଡ଼ିଆ ଭାଷା ପ୍ରତି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ବୈମାତୃକ ମନୋଭାବ

ଭୁବନେଶ୍ୱର (ପିଏନ୍): କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରତିବର୍ଷ ପରି ଜାତୀୟ ସାହିତ୍ୟ ଉତ୍ସବ ଗତ ୨୪ ତାରିଖରୁ ଫେବୃୟାରୀ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ଭାରତୀୟ ଭାଷା ମଧ୍ୟରେ ଆମ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆଭାଷା ଏକମାତ୍ର ଭାଷା ଯାହାକୁ ଏଥିରେ ଅପମାନିତ କରାଯାଇଛି। ଏହାର ଶୀର୍ଷକ ରଖାଯାଇଛି 'ଫେଷ୍ଟିଭାଲ ଅଫ୍ ଲେଟର୍ସ'। ନିମନ୍ତ୍ରଣ ପତ୍ର ଉପରେ କେବଳ ଓଡ଼ିଆ ଭାଷା ବ୍ୟତୀତ ଅନ୍ୟସବୁ ଭାଷା ଉଲ୍ଲେଖ ଅଛି। ସମସ୍ତ କାର୍ଯ୍ୟକ୍ରମରେ ମଧ୍ୟ ଓଡ଼ିଆ ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ ଓ ଭାଷା ପ୍ରତି ବିଦ୍ୱେଷ କରାଯାଇଛି। ଭାଷା ଆନ୍ଦୋଳନର ସଭାପତି ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ନାଗରିକ ମଞ୍ଚର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ଏଭଳି ଆଚରଣକୁ ଘୋର ନିନ୍ଦା କରିବା ସହ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଶୀଘ୍ର ତ୍ରୁଟି ସଂଶୋଧନ କରିବା ସହ ଓଡ଼ିଆ ଜାତି ନିକଟରେ କ୍ଷମାଭିକ୍ଷା କରନ୍ତୁ ବୋଲି ଦୃଢ ଦାବୀ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି ଏବଂ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମେନ୍ତ ଦାବୀ କରାଯାଇଛି ବୋଲି ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

ରେଲୱେ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

କଟକ (ପିଏନ୍) : ପୂର୍ବତଟ ରେଳବାଇ ଅନ୍ତର୍ଗତ ରେଲୱେ ଇନ୍‌ଷ୍ଟିଚ୍ୟୁଟ ତରଫରୁ ଦୁଇଦିନ ବ୍ୟାପୀ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ରେଲୱେ କର୍ମଚାରୀ ଓ ଇନ୍‌ଷ୍ଟିଚ୍ୟୁଟର ସଦସ୍ୟମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ରେଲୱେ କର୍ମଚାରୀ ପ୍ରଭୁଦତ୍ତ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ହୋଇଥିଲା। ଯାହାଙ୍କର କର୍ତ୍ତବ୍ୟରତ ସମୟରେ ଅକାଳ ପରଲୋକ ଘଟିଥିଲା। ଜଣେ ଜାତୀୟସ୍ତରର ପ୍ରଶଂସିତ ଓ ଅନେକ ଆନ୍ତର୍ଜାତିକ କ୍ରୀଡ଼ାରେ ପୁରସ୍କୃତ ହୋଇଥିବା ଏହି ବ୍ୟାଡମିଣ୍ଟନ କୋଚ୍‌ଙ୍କ ପାଇଁ ରେଳବାଇ ଅନେକ ସାଧୁବାଦ ମଧ୍ୟ ପାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଇନ୍‌ଷ୍ଟିଚ୍ୟୁଟର କାର୍ଯ୍ୟକାରୀ ସଭାପତି ଡକ୍ଟର ଶେଖ୍ ରହେମତୁଲ୍ଲା, ସିପିଓ (ଆଡ଼ମିନ୍) ପ୍ରଭାତ, ନାଲ୍‌କୋ ଅନୁଗୁଳ ପ୍ରୋଜେକ୍ଟର ମ୍ୟାନେଜିଂ ଡାଇରେକ୍ଟର ଦିଲ୍ଲୀପ ସାମନ୍ତରାୟ, ଏଏସ୍‌ଟିଇ ଦୀପକ ପୁଷ୍ଟି ପ୍ରମୁକ ଯୋଗ ଦେଇ ତାଙ୍କ ସ୍ମୃତିରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ପ୍ରଭୁଦତ୍ତ ବେହେରାଙ୍କ ସହଧର୍ମିଣୀ ଗୀତାଞ୍ଜଳୀ ବେହେରାଙ୍କୁ ତାଙ୍କ କର୍ତ୍ତବ୍ୟନିଷ୍ଠା ଓ ଅବଦାନ ପାଇଁ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ କୃତଜ୍ଞତା ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମନ୍ମଥ ରାଉତ ଓ ନିରଞ୍ଜନ ବାରିକ ଚମ୍ପିଆନ ହୋଇଥିବା ବେଳେ ସୁନୀଲ କୁମାର ଓ ରାମଚନ୍ଦ୍ର ରାଉଳ ରର୍ନସଅପ୍ ହୋଇଥିଲେ। କାର୍ଯ୍ୟକ୍ରମକୁ ସୁରେଶ କୁମାର ଦାସ ପରିଚାଳନା କରିଥିବେଳେ ଦୀପ୍ତି କୁମାର ନାୟକ, ବିପିନ ସିଂହ, ସତ୍ୟରଞ୍ଜନ ସିଂହ, କପିଳେନ୍ଦ୍ର ବେହେରା, ପ୍ରସନ୍ନ କୁମାର ନାୟକ, ସୁଶାନ୍ତ ରାୟ, ସୁନୀଲ କୁମାର ରାଉତରରାୟ, ସନ୍ତୋଷ ମଲ୍ଲିକ, ଅତନୁ କୁମାର ଜେନା, ସବ୍ୟସାଚୀ ଷଡ଼ଙ୍ଗୀ, ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ସହାୟତା କରିଥିଲେ। କେନ୍ଦ୍ର ସରକାରଙ୍କ 'ଖେଲୋ ଇଣ୍ଡିଆ' ଅନ୍ତର୍ଗତ କାର୍ଯ୍ୟକ୍ରମକୁ ପୂର୍ବତଟ ରେଳବାଇ ସଫଳ ରୂପାୟନ କରି ଉତ୍ସାହୀ ଓ ପ୍ରତିଭାବାନ କ୍ରୀଡ଼ାବିତ୍ ମାନଙ୍କୁ ଆଗେଇ ନେଉଥିବାରୁ ଏହି ଅବସରରେ ଉଚ୍ଚ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନେକ କ୍ରୀଡ଼ା ସଙ୍ଗଠନର କ୍ରୀଡ଼ାକୋଚ, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀମାନେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ପାଇଁ ଖୁସି ପ୍ରକଟ କରିଥିଲେ। ଏହି ଅବସରରେ ଅତିଥି ମି. ପ୍ରଭାତ କଟକ ରେଲୱେ ଇନ୍‌ଷ୍ଟିଚ୍ୟୁଟର କ୍ରୀଡ଼ାଭିତ୍ତିଭୂମିକୁ ଦେଖି ଆନନ୍ଦ ପ୍ରକାଶ କରିବା ସହ ଇନ୍‌ଡୋର ଜିମ୍‌ର ନୂତନ ପ୍ରେକ୍ଷାଳୟ ପାଇଁ ସହାୟତା ପ୍ରକାଶ ନିମିତ୍ତ ଘୋଷଣା କରିଥିଲେ।

ଦିଲ୍ଲୀରେ ଶାନ୍ତି ପ୍ରତିଷ୍ଠା ଓ ଦଙ୍ଗା ମୃତକଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ମହମବତୀ ଶୋଭାଯାତ୍ରା

ରାଉରକେଲା (ପିଏନ୍): ରାଜଧାନୀ ଦିଲ୍ଲୀରେ ଗତ ୫ ଦିନ ଧରି ଚାଲିଥିବା ବ୍ୟାପକ ଦଙ୍ଗାକୁ କଂଗ୍ରେସ ତରଫରୁ ତୀବ୍ର ନିନ୍ଦା କରାଯିବା ତୁରନ୍ତ ଶାନ୍ତି ପ୍ରତିଷ୍ଠା ପାଇଁ ଦାବି କରାଯାଇଛି । ଏହି ଦଙ୍ଗାରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରି ଦଳ ପକ୍ଷରୁ ରାଉରକେଲା ବିଶ୍ରା ଛକଠାରେ ଏକ ମହମବତୀ ଶୋଭାଯାତ୍ରା ସହିତ ଈଶ୍ୱରଙ୍କ ନିକଟରେ ନୀରବ ପ୍ରାର୍ଥନା କରାଯାଇଛି । ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହିତ ଦଙ୍ଗା ନିୟନ୍ତ୍ରଣରେ ବିଫଳ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ଦିଲ୍ଲୀ ପୋଲିସ୍ ଥିବାବେଳେ ଠିକଣା ଢଙ୍ଗରେ ଏହି ଦଙ୍ଗା ନିୟନ୍ତ୍ରଣ ନ କରିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଲା ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରି ରାଜଧାନୀ ଦିଲ୍ଲୀରେ ଶାନ୍ତି ପ୍ରତିଷ୍ଠା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ କଂଗ୍ରେସର ବରିଷ୍ଠ ନେତା ବିରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ, ମହମ୍ମଦ ମୋଇନୁଦ୍ଦିନ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଲିୟାରସିଂ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ଏସ୍‌ଟି ସେଲ୍ ଅଧ୍ୟକ୍ଷ ରାଜେଶ ଟପ୍ପୋ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ବରିଷ୍ଠ ନେତା ଉମେଶ ଶରଣ, ଇଂ. ଆର୍‌ପି ସିଂହ, ସୁକାନ୍ତ ମହାପାତ୍ର, ଲୋକନାଥ ଭୂମିଜ, ଜାଫର ନୁମାନ, ଅସଲାମ ପରଭେଜ, ସୁକାନ୍ତ ରାଉତ, ବିପିନ ଠାକୁର, ଅନୁପ ସାହୁ, ମୋଛୁ ସାହୁ, ବିଜୟ ଆପଟ, ସରୋଜ ଜେନା, ନାରୀନେତ୍ରୀ ସରସ୍ୱତୀ ଭୂମିଜ, ଶୋଭା ସିଂହ, କଲ୍ୟାଣୀ ପୂର୍ତ୍ତି, ଅମ୍ରିତ କୌର, ଗୀତା ଦେବୀ, ରାଧିକା ସୋନକର, ବନଲତା ବେହେରା, ଯୁବନେତା ଜ୍ଞାନେନ୍ଦ୍ର ଦାସ, ରତିକାନ୍ତ ମଲ୍ଲିକ, ସରୋଜ ମହାନ୍ତି, ଶ୍ୟାମ ସାଗର, ଶୁକଦେବ ପଣ୍ଡା, ବିଶ୍ୱଜିତ ସାହୁ, ରାଜେଶ ପତି, ଦିଲ୍ଲୀପ ଲାହିରି, ପଙ୍କଜ ସଙ୍ଗୀତ, ନରେନ୍ଦ୍ର ବର୍ମା, ସୁଧୀର ଚୌହାନ, ଦେବେନ୍ଦ୍ର ଥାଟୋଇ, ସୁମିତ ଜିନ୍ଦଲ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ପ୍ରଣୟ ପରମ ବେଦ

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଦ୍ଭୁତ ସତ୍‌ସଙ୍ଗ ଆନ୍ଦୋଳନର ମୂଳଭିତ୍ତି ହେଉଛି ବିବାହ- ଯାହା ମାଧ୍ୟମରେ ଜାତକର ସୃଷ୍ଟି ହୁଏ, ଦେଶର ମୂଳ ସମ୍ପଦ ମାନବ ଅର୍ଥାତ୍ ଚରିତ୍ରବାନ୍ ଓ ଆଦର୍ଶବାନ୍ ମନୁଷ୍ୟ, ଯେଉଁମାନେ ସମାଜକୁ ସଭ୍ୟତା, ବିବର୍ତ୍ତନ ଓ ବିବର୍ଦ୍ଧନ ଦିଗକୁ ଆଗେଇ ନେଇଯାଆନ୍ତି, ଓ ଯାହାର ଅଭାବରେ ସମାଜ ଧ୍ୱଂସାଭିମୁଖୀ ହୁଏ। ତେଣୁ ଦେଶ ଓ ଜାତିର ଉନ୍ନତି ନିମିତ୍ତ ସୁସନ୍ତାନ ପ୍ରୟୋଜନ ଓ ବିବାହ ମାଧ୍ୟମରେ ଶୁଦ୍ଧ ଦାମ୍ପତ୍ୟ ଜୀବନ ଓ ସୁପ୍ରଜନନ - ଉଭୟ ଉଦ୍ଦେଶ୍ୟ ସାଧିତ ହୁଏ। ବିବାହର ବ୍ୟାଖ୍ୟା ଦେବାକୁ ଯାଇ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ବିଶିଷ୍ଟ ଭାବରେ ବହନ କରିବା। ନାରୀର ପୁରୁଷକୁ ସମ୍ବର୍ଦ୍ଧନ କରିବାର ପ୍ରବୃତ୍ତି ଓ ପୁରୁଷର ସମ୍ବର୍ଦ୍ଧିତ ହେବାର ପ୍ରବୃତ୍ତି ଭିତର ଦେଇ ବିବାହର ସୃଷ୍ଟି। ଉନ୍ନୟନ ଓ ସୁପ୍ରଜନନ ହିଁ ବିବାହର ମୂଳ ଉଦ୍ଦେଶ୍ୟ। ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ନାରୀ ଚାହେଁ ପୁରୁଷକୁ ଉଦ୍‌ବର୍ଦ୍ଧନ କରିବାକୁ ଓ ପୁରୁଷ ଚାହେଁ ନାରୀକୁ ସର୍ବତୋ ଭାବରେ ବହନକରି ନିଜର ଜୀବନକୁ ବିସ୍ତାରରେ ପରିପ୍ଲୁତ କରିବାକୁ - ତାହା ହିଁ ବିବାହ। ବିବାହ ଏପରି ଭାବରେ ଦେବାକୁ ହେବ ଯେପରି ଦାମ୍ପତ୍ୟ ପ୍ରଣୟ ଫଳରେ ସ୍ୱାମୀ-ସ୍ତ୍ରୀ ଉଭୟେ ଶରୀର, ମନ ଓ ଚରିତ୍ରରେ ଉତ୍କର୍ଷ ଲାଭ କରନ୍ତି ଏବଂ ସନ୍ତାନ-ସନ୍ତତି ମଧ୍ୟ ଉନ୍ନତତର ହୁଅନ୍ତି। ବଂଶ ପରମ୍ପରାରେ ମଣିଷ ଯଦି ବଢ଼ି ନଚାଲେ, ବାପାଙ୍କ ଠାରୁ ପୁତ୍ର ଯଦି ଆହୁରି ବଡ଼ ନହୁଏ, ଆହୁରି ଭଲ ନହୁଏ ତେବେ ହେଲା କ'ଣ ? ପାତ୍ର ଓ ପାତ୍ରୀର ବଂଶ, ବିଦ୍ୟା, ସ୍ୱାସ୍ଥ୍ୟ, ଚରିତ୍ର, ଆୟୁଷ, ଇଷ୍ଟପ୍ରାଣତା, ଦକ୍ଷତା, ଗୁଣ, ବୟସ, ପ୍ରକୃତି ଇତ୍ୟାଦି ଦିଗ ଦେଇ ସମ୍ୟକ୍ ସଙ୍ଗତି ଅଛି କି ନା - ଭଲ ଭାବେ ଦେଖିବା ଦରକାର। ସ୍ତ୍ରୀ ଯଦି ସ୍ୱାମୀକୁ ଶ୍ରଦ୍ଧା କରେ ଓ ସ୍ୱାମୀ ପାଇଁ କଷ୍ଟ ସହି ମଧ୍ୟ ନିଜକୁ ସୁଖୀ ଓ ସାର୍ଥକ ମନେକରେ ତେବେ ସେ ବିବାହ ସଫଳ ହୁଏ। ଆୟୁର ଗୋଟିଏ ବଂଶଗତ ଧାରା ଅଛି। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଯେଉଁଠି ଗଭୀର ଓ ପବିତ୍ର ପ୍ରଣୟ ଅଛି, ସ୍ତ୍ରୀ ଯେଉଁଠି ସ୍ୱାମୀକୁ ନିଜର ସତ୍ତାଜ୍ଞାନରେ ଭଲପାଏ, ସ୍ୱାମୀ ଯେଉଁଠି ସ୍ତ୍ରୀକୁ ନିବିଡ଼ ସ୍ନେହ ଚକ୍ଷୁରେ ଦେଖେ ସେଠାରେ ସନ୍ତାନର ସ୍ୱାସ୍ଥ୍ୟ, ବୁଦ୍ଧି ଓ ଆୟୁଷ ଇତ୍ୟାଦିର ଉତ୍କର୍ଷ ହେବା ଅତି ନିଶ୍ଚିତ। ଅବଶ୍ୟ ସ୍ୱାମୀ ଗୁରୁମୁଖୀ ବା ଇଷ୍ଟମୁଖୀ ହେବା ଏକାନ୍ତ ଆବଶ୍ୟକ। ସ୍ୱାମୀ ଯଦି ସ୍ତ୍ରୀ ମୁଖୀ ହୁଏ ସେଠାରେ ସ୍ତ୍ରୀ ତା ସ୍ୱାମୀକୁ ବେଶୀ ଦିନ ଶ୍ରଦ୍ଧା ଆଖିରେ ଦେଖିପାରେ ନାହିଁ ଓ ଉଭୟେ ପ୍ରବୃତ୍ତିମୁଖୀ ହୋଇପଡ଼ନ୍ତି। ବିବାହ ସମୟରେ ବିଶେଷଭାବରେ ପୁରୁଷର ବୀଜବୈଭବ ବିଚାର କରିବାକୁ ହେବ। ପୁରୁଷ ବୀଜ ବୈଭବ ଯଦି ନାରୀ ଠାରୁ ସମୃଦ୍ଧତର ନହୁଏ ତାହାହେଲେ ପ୍ରଜନନ କ୍ଷେତ୍ରରେ ବିପର୍ଯ୍ୟୟ ଦେଖାଦିଏ। ଏହା ସମ୍ପୂର୍ଣ୍ଣ ବୈଜ୍ଞାନିକ ତଥ୍ୟ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ କଣ୍ଠରେ ସ୍ୱୀକାର କଲେ - ଝିଅ ବା ମାଆ ମାନଙ୍କର ବିଶ୍ୱବିଦ୍ୟାଳୟ ହେଲା ତାଙ୍କର ଶ୍ୱଶୁରଘର। ଠାକୁର-ଦେବତା, ପୂଜା-ପାର୍ବଣ, ଶ୍ୱଶୁର-ଶାଶୁ, ଦିଅର-ଦେଢ଼ଶୂର, ଯା'-ନଣନ୍ଦ, ଭଣଜା-ଭାଣିଜୀ, ଆତ୍ମୀୟ-ସ୍ୱଜନ, ସ୍ୱାମୀ-ପୁତ୍ର, ପଡ଼ା-ପଡୋଶୀ, ଚାକର-ବାକର, ଗାଈ-ବାଛୁରୀ, ଗଛ-ପତ୍ର ଇତ୍ୟାଦି ସମସ୍ତଙ୍କର ଓ ସବୁକିଛିର ସେବାଚର୍ଯ୍ୟା ନେଇ ସେମାନଙ୍କର ସଂସାର। ସବୁଦିଗରୁ ତାଳ ସମ୍ଭାଳି ନେଇ ସମସ୍ତଙ୍କୁ ଖୁସି ରଖିବା ସହଜ କଥା ନୁହେଁ। ଆଳସ୍ୟ ଥିଲେ ହେବନି, ବଦ୍‌ମିଜାଜକୁ ବିଦାୟ ଦେବାକୁ ହେବ, ହୀନମନ୍ୟତାକୁ ବାଦ୍ ଦେଇ ସଶ୍ରଦ୍ଧ ଭାବରେ ପ୍ରସନ୍ନଚିତ୍ତରେ ଗୁରୁଜନମାନଙ୍କର ଶିକ୍ଷା ଓ ଶାସନ ମଥାପାତି ସହିବାକୁ ହେବ, ତେବେ ହିଁ ମାଆ ଓ ଝିଅମାନେ ଏହି ବିଶ୍ୱବିଦ୍ୟାଳୟରୁ ପାସ୍ କରିପାରିବେ। ପୁଣି ସେମାନଙ୍କ ଗର୍ଭରେ ଯେଉଁ ସନ୍ତାନ ଜନ୍ମ ନେବେ ସେମାନେ ମଧ୍ୟ ଉନ୍ନତ ଧରଣର ହେବେ, ଅବଶ୍ୟ ଯଦି ବିବାହ ବ୍ୟାପାରରେ ପୂର୍ଣ୍ଣ ସଙ୍ଗତି ଥାଏ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଦୁଃଖ ପ୍ରକାଶ କରି କହିଛନ୍ତି - ଆଜିକାଲି ଏକ ପ୍ରଥା ହୋଇଛି ପୁଅମାନେ ବିବାହ କରି ସ୍ୱସ୍ୱକର୍ମସ୍ଥଳରେ ସ୍ତ୍ରୀ ନେଇ ଏକା ରହିବାକୁ ଚାହାଁନ୍ତି, ଝିଅମାନେ ମଧ୍ୟ ସଂସାରର ଦଶଜଣଙ୍କ ଝାମେଲା ସହିବାକୁ ଚାହାଁନ୍ତି ନାହିଁ, ସ୍ୱାମୀକୁ ନେଇ ଅଲଗା ରହିପାରିଲେ ହିଁ ସୁଖ ଅନୁଭବ କରନ୍ତି, ଏହା କିନ୍ତୁ ଭଲ ନୁହେଁ। ମଣିଷ ପକ୍ଷରେ ଲାଭଜନକ ଓ ଲୋଭନୀୟ ହେଲା ଇଷ୍ଟାନୁଗ ଆତ୍ମନିୟନ୍ତ୍ରଣ, ଆର୍ଯ୍ୟ ହିନ୍ଦୁ ସମାଜରେ ଏହି ବିଧିବିଧାନ ଅତ୍ୟନ୍ତ ଉଚ୍ଚକୋଟୀର। ଏହାମଧ୍ୟରେ ବିବାହ ବିଚ୍ଛେଦ ନାହିଁ, ବିବାହ ବିଚ୍ଛେଦ ଭୟାବହ। ବିବାହ ବିଚ୍ଛେଦ ଫଳରେ ସନ୍ତାନର ଭାବ ସମ୍ପଦ ଓ ଆତ୍ମିକ ଶକ୍ତିକୁ ଉପହାସ କରାହୁଏ। ଏହି ମହାପାପ ଫଳରେ ଭଗବାନଙ୍କର ଅଭିସମ୍ପାତ ତୁମକୁ କ'ଣ

ମୋ ସହର

କନ୍ଧମାଳ ପିପୁଲ୍ସ ଫୋରମରେ ବରିଷ୍ଠ ନାଗରିକମାନଙ୍କ ଯୋଗ ଦାନ

ଫୁଲବାଣୀ(ପିଏନ): କନ୍ଧମାଳ ପିପୁଲ୍ସ ଫୋରମ ତରଫରୁ ୩ଦଫା ଦାବିକୁ ନେଇ ଚାଲୁରଖିଥିବା ଆନ୍ଦୋଳନ ଗୋଟାଏ ପରେ ଗୋଟାଏ ସଫଳତା ପାଇ ଚାଲିଛି ।ପ୍ରଥମେ କନ୍ଧମାଳ ଜିଲ୍ଲାକୁ ମେଡିକାଲ କଲେଜ,ଦିତୀୟରେ କନ୍ଧମାଳ କୁ ରେଳ ଲାଇନ୍,ବର୍ତମାନ ଜାରିରଖିଛି କନ୍ଧମାଳ ଜିଲ୍ଲାରେ ବହୁ ଦିନରୁ ବସ ବାସ କରୁଥିବା ଜନସାଧାରଣଙ୍କୁ ପଟ୍ଟା ପ୍ରଦାନ । ସେଥିପାଇଁ କନ୍ଧମାଳ ପିପୁଲ୍ସ ଫୋରମରେ ଯୋଗ ଦେଉଛନ୍ତି ବରିଷ୍ଠ ନାଗରିକ ମାନେ ।ଏଥି ସହିତ ଫୁଲବାଣୀ ସହରର ବହୁ ସଂଖ୍ୟକ ମହିଳା ନେତ୍ରୀମାନେ ସଦସ୍ୟା ହେଲେ ଗତ ୨୬/୨/ ୨୦୨୦ । କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ଲଢ଼େଇରେ ସାମିଲ ହେବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କନ୍ଧମାଳ ପିପୁଲ୍ସ ଫୋରମର ସଭାପତି ରାଧାମୋହନ୍ ମହାପାତ୍ର ଏବଂ ଆବାହକ ବରିଷ୍ଠ ସାମ୍ବାଦିକ ଶ୍ରୀ ସୁନିଲ୍ପଟ୍ଟନାୟକ ସୁଚନା ଦେଇଛନ୍ତି ।।

ବାଙ୍ଗୋର ସରକାରୀ ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ହାଟଡ଼ିହି,(ପିଏନ):ହାଟଡିହି ବ୍ଲକ ସରକାରୀ ଉ.ପ୍ରା ବିଦ୍ୟାଳୟ ବାଙ୍ଗୋରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏନ.ପି.ଏସ ସଂଘର ସଭାପତି ସୁରେନ୍ଦ୍ର କୁମାର ରାଉତ, କେଶବ ଚନ୍ଦ୍ର କର, ବାଙ୍ଗୋର ସିଆରସିସି ବସନ୍ତ କୁମାର ନାଏକ, ଗୋବିନ୍ଦ ଚନ୍ଦ୍ର ବାରିକ, ନରେନ୍ଦ୍ର ମହାରଣା, ବିଦ୍ୟାଳୟର ଚେୟାରପର୍ସନ ପ୍ରମୋଦ କୁମାର ପଣ୍ଡା, ଶିଶିର କୁମାର ରାଉତରାୟ, ସ୍ମିତା ପଢ଼ିଆରୀ, ମୀନାକ୍ଷୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଶଶୀ ଭୂଷଣ ପୁହାଣ ଓ ସତ୍ୟନାରାୟଣ ଜେନାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସର୍ବଶ୍ରୀ ରଙ୍ଗାଧର ମହୁରୀ, ବଷ୍ଣୁପ୍ରସାଦ ବୋଇତେଇ, ମନୋରମା ଦାସ, ପ୍ରଭାତୀ ସାହୁ, ବାଣୀଶ୍ରୀ ରାଉତ, ଜଗଦୀଶ ଜେନା, ଖେଳ ଶିକ୍ଷକ ଚିନ୍ମୟ ଖମାରୀ, ଦାୟିତ୍ୱ ତୁଲାଇଥିଲେ । ପ୍ରଧାନଶିକ୍ଷକ ବକ୍ତବ୍ୟରେ ଆମ ବିଦ୍ୟାଳୟ ଗାରିମାରେ ବ୍ରୋଂଚ ଓ ସିଲଭର ପାଇବା ସହ ଡିଏମଏଫ ପରୀକ୍ଷାରେ ତୃତୀୟରେ ୬ଜଣ, ପଂଚମରେ ୧୦ଜଣ, ଅଷ୍ଟମରେ ୧୩ଜଣ ବୃତିରେ କୃତିତ୍ୱ ହାସଲ କରି ବ୍ଲକରେ ପ୍ରଥମ ସ୍ଥାନରେ ରହିବା ସହ ତୃତୀୟ ଶ୍ରେଣୀର ପ୍ରିୟଙ୍କା ପଢ଼ିଆରୀ ବ୍ଲକରେ ପ୍ରଥମ ହୋଇଥିବା ଅବଗତ କରାଇଥିଲେ । ଅତିଥି ଓ ସଭ୍ୟସଭ୍ୟା ମାନେ ବକ୍ତବ୍ୟରେ ବିଦ୍ୟାଳୟର ପରିବେଶର ସ୍ୱଚ୍ଛତା, କୃତିତ୍ୱ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡରେ ଜାତୀୟ ବିଜ୍ଞାନ ଦିବସ ପାଳିତ

କେନ୍ଦୁଝର(ପିଏନ)-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରି ବିଜ୍ଞାନ ସାହାଯ୍ୟ ଦ୍ୱାରା ଜୀବନ ସୁସ୍ଥମୟ ହେବ ବୋଲି କହିଥିଲେ । ଏହି ଅବସରରେ ପିଲାଙ୍କ ଦ୍ୱାରା ବିଭିନ୍ନ ବୈଜ୍ଞାନିକମାନଙ୍କ ବେଶ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ବିଜ୍ଞାନ ଆଚାର୍ଯ୍ୟ ଅମୂଲ୍ୟ କୁମାର ରାଉତ, ମନୋରଞ୍ଜନ ପରିଡା, କୁଳମଣି ମହାନ୍ତ, ସତ୍ୟପ୍ରିୟ ମହାନ୍ତି, ଆଚାର୍ଯ୍ୟା ବିଶ୍ୱବନ୍ଦିତା ଦାସ, ହରିପ୍ରିୟା ଓଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

ବେସରକାରୀ ଜମି ଏବଂ ସଂରକ୍ଷିତ ଜଙ୍ଗଲ ଉପରେ ଉଚ୍ଚ ଶକ୍ତି ସମ୍ପନ୍ନ

ବିଦ୍ୟୁତ୍ ତାର ଟାଣିବାକୁ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କେନ୍ଦୁଝର,(ପିଏନ): ବେସରକାରୀ ଜମି ଏବଂ ସଂରକ୍ଷିତ ଜଙ୍ଗଲ ଉପରେ ପ୍ରୋ-ମିନେରାଲ୍ସ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଟାଣିବା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । କମ୍ପାନୀ ସଂରକ୍ଷିତ ଜଙ୍ଗଲ ଉପରେ ବେଆଇନଭାବେ ୩୩କେଭି ଲାଇନ ନେଇଥିବା ଏବଂ ବେସରକାରୀ ଜମିରେ ଜୋରଜବରଦସ୍ତ ଖୁଣ୍ଟ ପକାଇଥିବା ସ୍ଥାନୀୟ ଲୋକ ପ୍ରତିନିଧି ଏବଂ କ୍ଷତିଗ୍ରସ୍ତ ଲୋକ ଜିଲ୍ଲାପାଳ, ନେସ୍କୋ ଅଧିକ୍ଷଣ ଯନ୍ତ୍ରୀ, କେନ୍ଦୁଝର ଆରକ୍ଷୀ ଅଧିକ୍ଷକ, ଡିଏଫଓ ଏବଂ ନିର୍ବାହୀ ଯନ୍ତ୍ରୀ ତଥା ଉପ ବିଦ୍ୟୁତ୍ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି । କମ୍ପାନୀର ମନମାନି ନେଇ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଜନ ଅସନ୍ତୋଷ ବଢିବାରେ ଲାଗିଛି । କମ୍ପାନୀ ଲୋକଙ୍କର ଅଭିଯୋଗକୁ ଅଣଦେଖା କରି ପ୍ରଶାସନକୁ ହାତ କରି ବେଆଇନଭାବେ ଲାଇନ ସଂଯୋଗ କରିବାକୁ ବିରୋଧ ହୋଇଛି । ନଈବୁଗା ସଂରକ୍ଷିତ ଜଙ୍ଗଲରେ ୩୩ କେଭି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଟଣା ହେବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଡିଏଫଓଙ୍କ ନିକଟରେ ପୂର୍ବରୁ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ବନ ବିଭାଗ ପକ୍ଷରୁ ପ୍ରୋ ମିନେରାଲ୍ସ ପ୍ରାଇଭେଟ ଲିଃ ଏବଂ ନେସ୍କାକୁ ଚିଠି କରି ନିଜର ପକ୍ଷ ରଖିବାକୁ କୁହାଯାଇଥିଲା । ମାତ୍ର ପ୍ରୋ ମିନେରାଲ୍ସ ପ୍ରାଇଭେଟ ଲିଃ ବିଭିନ୍ନ ଆଳ ଦେଖାଇ ବନ ବିଭାଗର ଚିଠିର ଉତ୍ତର ଦେବାରେ ବିଳମ୍ବ କରୁଥିବା ଅଭିଯୋଗ ହୋଇଛି । ଏହି ସମୟ ମଧ୍ୟରେ କମ୍ପାନୀ ପୋଲିସ ସହାୟତାରେ ବାମେବାରୀ ସ୍କୁଲ ଖେଳ ପଡିଆ ଏବଂ ଅନ୍ୟ ବେସରକାରୀ ଜମିରେ ତାର ଟାଣୁଥିବା ଅଭିଯୋଗ ହୋଇଛି । ଖୁଣ୍ଟ ପଡିଥିବା ଜମି ମାଲିକଙ୍କ ଅଭିଯୋଗକୁ ନେସ୍କୋ ଏବଂ ପୋଲିସ ଶୁଣୁ ନଥିବାରୁ ଏହାର ପ୍ରତିବାଦରେ କ୍ଷତିଗ୍ରସ୍ତ ଲୋକ ଏବଂ ଲୋକ ପ୍ରତିନିଧି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ବସନ୍ତପୁର ପଞ୍ଚାୟତର ନଈବୁଗା ସଂରକ୍ଷିତ ଜଙ୍ଗଲ ଭିତରେ ପ୍ରୋ-ମିନେରାଲ ଖୁଣ୍ଟ ପକାଇ ନିଜର ପ୍ଲାଣ୍ଟକୁ ୩୩ କେଭି ଲାଇନ ନେଇଛି । ଏତଦ୍ ବ୍ୟତିତ ବାମେବାରୀ ସ୍କୁଲ ପଛପାଖ ଗ୍ରାମ୍ୟ ଜଙ୍ଗଲ ଭିତରେ ମଧ୍ୟ କମ୍ପାନୀ ଲାଇନ ନେଇଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଉପରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ସଂଯୋଗ ନେଇଥିବାରୁ ଜଙ୍ଗଲ ଜୀବଜନ୍ତୁଙ୍କ ପ୍ରତି ବିପଦ ଆଶଙ୍କା ରହିଛି । ଜୁରୁଡି ଗ୍ରୀଡରୁ ବିଦ୍ୟୁତ ସଂଯୋଗ ଦେବା ପୂର୍ବରୁ ଡିଆରପି ହୋଇଛି କି ନାହିଁ ତାହା ଯାଞ୍ଚ ହେବା କଥା ମାତ୍ର ତାହା ନହୋଇ କିପରି ଲାଇନ ଚାର୍ଜ କରିବା ପାଇଁ ମସୁଧା କରାଯିବା ଘଟଣାର ତଦନ୍ତ କରିବାକୁ ଦାବୀ କରିଛନ୍ତି । ଜୁରୁଡି ଗ୍ରୀଡରୁ ଦୀର୍ଘ ୨୨କିଲୋମିଟର ରାସ୍ତା ଦେଇ କମ୍ପାନୀକୁ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଟଣା ହୋଇଛି । ଗତ ୨ବର୍ଷ ତଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସୁରକ୍ଷା ପ୍ରମାଣପତ୍ର ଦେଇ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ତାର ପାଇଁ ଦୂର୍ଘଟଣା ଘଟିବା ଯୋଗୁଁ ନେସ୍କୋ ପକ୍ଷରୁ ବିଦ୍ୟୁତ୍ ତାର ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା । ଜଙ୍ଗଲ ଭିତରେ ୩୩କେଭି ଲାଇନ ଯାଇଥିବାବେଳେ ବନ ବିଭାଗ ବିନା ଅନୁମତିରେ କିପରି ଖୁଣ୍ଟ ପୋତାଗଲା ଏବଂ ତାର ଟଣାଗଲା ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଫରେଷ୍ଟ କନଜରଭେସନ ଆକ୍ଟ ଉଲ୍ଲଙ୍ଘନ ହୋଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କାର୍ଯ୍ୟନୁଷ୍ଠାନ ନେବାରେ ବିଳମ୍ବ କରାଯାଉଛି । ବନବିଭାଗ କାର୍ଯ୍ୟନୁଷ୍ଠାନରୁ ବର୍ତ୍ତିବା ପାଇଁ ନେସ୍କା ୧୯୮୦ ମସିହା ପୂର୍ବରୁ ୧୧କେଭି ଲାଇନ ଟଣା ଯାଇଥିବା ସ୍ୱୀକୃତିକରଣ ଦେଇଛି ଯାହା କି ସଂପୂର୍ଣ୍ଣ ମିଥ୍ୟା ବୋଲି ଗ୍ରାମବାସମାନେ ଅଭିଯୋଗ କରିଛନ୍ତି । ଜଙ୍ଗଲ ଭିତରେ ଉକ୍ତ ୧୧ କେଭି ଲାଇନ ନେବା ପାଇଁ ନେସ୍କା ଜଙ୍ଗଲ ବିଭାଗଠାରୁ କୌଣସି ଅନୁମତି ନେଇନଥିବା ଅଭିଯୋଗ ହୋଇଛି । ତେଣୁ ପ୍ରୋ- ମିନେରାଲ୍ସକୁ ନଈଗୁଣା ସଂରକ୍ଷିତ ଜଙ୍ଗଲରେ ନେସ୍କୋର୧୧ କେଭି ଲାଇନ ସହ ପ୍ରୋ-ମିନେରାଲ୍ସର ୩୩ କେଭି ଲାଇନ ଟଣାଯିବା ସଂପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି । ଶୁକ୍ରବାର ଦିନ ଜଜାଙ୍ଗ ସରପଞ୍ଚ ରତ୍ନମଣୀ ନାୟକ,ସମିତି ସଭ୍ୟ ପ୍ରଦୀପ କୁମାର ବେହେରା, ଜଳହରି ସରପଞ୍ଚ ମିତା ମୁଣ୍ଡା, ସମିତି ସଭ୍ୟ ସାବିତ୍ରୀ ମୁଣ୍ଡା, ଜୁରୁଡି ସରପଞ୍ଚ ସୁଜାତା ହେମ୍ବ୍ରମ, ଜୁରୁଡି ସମିତି ସଭ୍ୟ ଇନ୍ଦିରା ପାତ୍ର, ବସନ୍ତପୁର ସରପଞ୍ଚ ଲିପାରଣୀ ନାୟକ,ସମିତି ସଭ୍ୟ ସାବିତ୍ରୀ ମାଝୀଙ୍କ ସମେତ କ୍ଷତିଗ୍ରସ୍ତ ତ୍ରିଲୋଚନ ପରମାଣିକ, କୃଷି ମୁଣ୍ଡା, ବାଙ୍କୁ ପରମାଣିକ, ଲକ୍ଷ୍ମୀଧର ପରମାଣିକ, ତ୍ରିନାଥ ପରମାଣିକ, ଅନିରୁଦ୍ଧ ମହାକୁଡ ପ୍ରମୁଖ ଅଭିଯୋଗ କରି ତୁରନ୍ତ କାର୍ଯ୍ୟନୁଷ୍ଠାନ ଦାବୀ କରିଛନ୍ତି । ପ୍ରଶାସନ ପଦକ୍ଷେପ ନନେଲେ ଗ୍ରାମବାସୀ ବାଧ୍ୟ ହୋଇ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଗୀତି କବିତା ସମାରୋହ

ନେଉଳପୁର, ୨୮/୨(ପି.ଏନ)- ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଗୀତି କବିତା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ସାହିତ୍ୟରେ କଳା, ବିଜ୍ଞାନ, ଦର୍ଶନ, ଇତିହାସ ଓ ପୁରାଣ ଆଧ୍ୟାତ୍ମିକ ଜ୍ଞାନ ନିହିତ ଅଛି । ସଫଳ ଜୀବନ ପାଇଁ ଯାହା ସବୁ ଆବଶ୍ୟକ ତାହା ହିଁ ସାହିତ୍ୟରେ ମିଳିଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ସାହିତ୍ୟ ପ୍ରତି ବିମୁଖ ନହୋଇ ସାହିତ୍ୟ ମନସ୍କ ହେଲେ ତାର ଜୀବନ ଶରସ ସୁନ୍ଦର ପରିମାର୍ଜିତ ହୋଇପାରିବ । ଏହି ସାହିତ୍ୟ ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା, ବିଶ୍ୱ ଜନବିଦିତ । ଗୀତି କବିତାର ପ୍ରଚାର ଓ ପ୍ରସାର ପାଇଁ ସାହିତ୍ୟ ଏକାଡ଼େମୀର ଉଦ୍ୟମକୁ ପ୍ରଶଂସା କରିଥିଲେ । ଆମ ଭାଷା ଆଜି ସଙ୍କଟରେ ଉପନୀତ । ଏହାକୁ ସମସ୍ତେ ଅନୁଭବ କରିବା ଉଚିତ । ଆଧୁନିକତାର ଚାକଚକ୍ୟ ଓ ପ୍ରଶ୍ଚତ୍ୟ ଶିକ୍ଷା ଓ ସଂସ୍କୃତିର ପ୍ରଭାବରେ ଓଡ଼ିଆ ଭାଷା ଆଦି କବଳିତ । ଏହାକୁ ଉଜ୍ଜିବିତ କରିବା ପାଇଁ ସାହିତ୍ୟକ, କବି, ବୁଦ୍ଧିଜୀବୀ ଉଦ୍ୟମ କରିବା ଉଚିତ ବୋଲି ମତବ୍ୟକ୍ତ କରିବା ସହିତ ମା, ମାତୃଭୁମୀ, ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସ୍ନେହ ରହିଲେ ଭାଷାର ଉନ୍ନତି ହେବ । ଓଡ଼ିଆ ଭାଷା ଓଡ଼ିଆମାନଙ୍କୁ ଏକତା ସୁତ୍ରରେ ବାନ୍ଧି ରଖିଥାଏ । ରାଧାନାଥ, ବଳଦେବ, ଗଙ୍ଗାଧର ମେହର, ଫକିର ମୋହନ ସେନାପତିଙ୍କ କାଳଜୟୀ ସାହିତ୍ୟ ସୃଷ୍ଟି ଆଜି ତାଙ୍କୁ ଅମର କରିପାରିଛି । କବିତାର ଅନ୍ତ ଶ୍ରୋତ ମନକୁ ଛୁଇଁବା ଉଚିତ । ଫଳରେ ତାହା ପାଠକମାନଙ୍କର ଆଦୃତି ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡ଼େମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡ଼ଃ ବିଜୟାନନ୍ଦ ସିଂ ଗୀତି କବିତା ଓ ତାର ସୀମା ଓ ସମ୍ଭାବନା ଉପରେ ଆଲୋଚନା କିରବା ସହିତ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ଆଜୀର ଯୁବପୀଢ଼ିମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । କଲେଜର ଅଧ୍ୟକ୍ଷ ପ୍ରଫେସର ବିରେନ୍ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ସୁଚସ୍ମିତା ମନ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର କୁମାର ମହାନ୍ତି, ଡ଼ଃ କେଦାରନାଥ ଦାସ, ଶିଶୁ ସାହିତ୍ୟକ ଓ ଡ଼ଃ ପ୍ରୀୟନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ଅଧିବେସନରେ ଓଡ଼ିଶା ସହିତ୍ୟ ଏକାଡ଼େମୀ ସଭାପତି ହରିହର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୀତି କବିତାର ସୀମା ଓ ସମ୍ଭାବନା ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ବିଶିଷ୍ଟ କବି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ସମ୍ମାନୀୟ ଅତିଥି ଭାବେ ଅଧ୍ୟାପକ ଯଚିନ୍ଦ୍ର କୁମାର ରାଉତ, ମନୋଜ କୁମାର ପଟ୍ଟନାୟକ, ଡ଼ଃ ଶରତ ଚନ୍ଦ୍ର ରଥ, ବୃନ୍ଦାବନ ଜେନା, ଧନଞ୍ଜୟ ସ୍ୱାଇଁ, ଡ଼ଃ ରୁଦ୍ର ନାରାୟଣ ପୃଷ୍ଟି ଯୋଗ ଦେଇ ଓଡ଼ିଆ ଭାଷା, ସାହିତ୍ୟ ବିଶେଷ କରି ଗୀତି କବିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଶେଷ ଅଧିବେଶନରେ କବି ଗୌର ହରି ଦଳାଇଙ୍କ ସଭାପତିତ୍ୱରେ ସମ୍ମାନୀତ ଅତିଥି ଭାବେ ମୀନାକ୍ଷୀ ଦେବୀ, ପଦ୍ମଜା ଶରଣ, ପ୍ରଭାତୀ ରାଉତ ଓ ଦୟାନିଧି ରାଉତଙ୍କ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଶିଷ୍ଟ କବିମାନେ ସେମାନଙ୍କର ସ୍ୱ ରଚିତ କବିତା ଆବୃତି କରିଥିଲେ । ଏହି ଅବସରରେ "ଆସ ବୁଲିଯିବା ବିରଜା କ୍ଷେତ. ଚନ୍ଦ୍ର ଦର୍ପଣ, ଅଟକି ଯା ସୂର୍ଯ୍ୟ ମଧ୍ୟାହ୍ନରେ ୨ ମିନିଟ୍" ପୁସ୍ତକ ଉନ୍ମୋଚନ ହୋଇଥିଲା । ଶେଷରେ ପ୍ରକାଶନ ଅଧିକାରୀ ସଂଜୟ କୁମାର ଛୁଆଳସିଂ ଧନ୍ୟବାନ ଅର୍ପଣ କରିଥିଲେ ।

ଏଗାର ଶହ ମିଟର ରାସ୍ତାକୁ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱର ଠିକା କାମ

ବାଂଶପାଳ(ପିଏନ): କେନ୍ଦୁଝରରୁ ସମ୍ବଲପୁର ଯିବା ରାସ୍ତାରେ ପାଖାପାଖି ୮ କି.ମି. ଗଲାପରେ ଡଙ୍ଗାପାଣି ଗାଁଟି ପଡେ । ଜାତୀୟ ରାଜପଥରୁ ଗାଁ ମଧ୍ୟକୁ ଯିବାକୁ ହେଲେ ଗୋଟେ କିଲୋମିଟରରୁ ଦେଢ କିଲୋମିଟର ମାଟି ରାସ୍ତା ଦେଇ ଯିବାକୁ ହୁଏ । ଏହି ରାସ୍ତାଟିର ପୁନଃ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ତଥା ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଦ୍ୱାରା ପାଖାପାଖି ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ରାଶି ମଞ୍ଜୁର ହୋଇଛି ଏହି ରାସ୍ତାଟିର ପୁନଃଉଦ୍ଧାର ପାଇଁ । ମାତ୍ର ଆଜି ସ୍ଥାନୀୟ ଲୋକଙ୍କ ଅଭିଯୋଗ ପାଇ ଆମର ସ୍ଥାନୀୟ ପ୍ରତିନିଧି ଯାଇ ଦେଖିବାକୁ ପାଇଲେ କି ରାସ୍ତାର ପୁନଃ ଉଦ୍ଧାର ନାମରେ କେବଳ ଥାକିଲି ପକା କାମ ହେଉଛି । ଧର୍ମକୁ ଆଖିଠାର ମାରିବା ପରି ଗୋଟିଏ ପରସ୍ତ ମେଣ୍ଟାଲ ଉପରେ କେବଳ ନାମକୁ ମାତ୍ର ମୋରମ ମାଟି ପକାଇ ଦିଆଯାଉଛି । ନା ସେ ରାସ୍ତାରେ ମାଟି ପକାଇବା ପରେ ପାଣି ପକା ଯାଉଛି ନା ହିଁ ଉକ୍ତ ମାଟି ଓ ପଥରକୁ ବସାଇବା ପାଇଁ ରୋଲିଂ କରାଯାଉଛି । ଏହିସବୁ ଦେଖିବା ପରେ ଅଧିକ ଉତ୍କଣ୍ଠା ଉଜୁଜିବାରୁ ସ୍ଥାନୀୟ ଗ୍ରାମବାସୀ ମାନଙ୍କୁ ପଚାରିବାରୁ ଜଣାପଡିଲା କି ଏହି ରାସ୍ତାରେ ପଡୁଥିବା ମୋରମ ଗୁଡିକ ନିକଟସ୍ଥ ବଡଘାଗରା ଡ୍ୟାମ୍‌ରୁ ଅଣା ହେଉଛି । ଏଠାରେ ସୂଚନା ଯୋଗ୍ୟ କି ଏହି କାମଟିର ଆରମ୍ଭ ଅକ୍ଟୋବର ୨୦୧୭ରୁ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ସରିବାର ନାଁ ଗନ୍ଧ ନେଉନାହିଁ । ଯେଉଁପରି ଭାବରେ କାମ ଚାଲୁଛି ଆଉ ୧୦ବର୍ଷ ପର୍ଯ୍ୟନ୍ତ କାମ ସରିବାର ଆଶା ଦେଖାଯାଉ ନାହିଁ । ସ୍ଥାନୀୟ ବାସିନ୍ଦା ପ୍ରତାପ ମହାକୁ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Saturday February 29 | ଭୁବନେଶ୍ୱର | ଶନିବାର, ଫେବୃଆରୀ ୨୯ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଜାପାନକୁ ଆମର ସହଯୋଗୀ ଦେଶ ଭାବେ ନେଇ ଆମେ ଓଡିଶାକୁ ଇସ୍ପାତ କ୍ଷେତ୍ରରେ ପୂର୍ବୋଦୟର ସ୍ନାୟୁ କେନ୍ଦ୍ର ଭାବେ ଗଢି ତୋଳିବୁ

ଭୁବନେଶ୍ୱର (ପିଏନ) : ସ୍ଥାନୀୟ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ଏନାବ୍ଲିଂ ପ୍ରୋସିଡିୟୋରସ୍ ଫର୍ ଇନ୍‌କ୍ରିଜ୍ ଅଫ୍ ଷ୍ଟିଲ୍ ଇଉସେଜ୍ ଫର ଦି ଗ୍ରୋଥ୍ ଅଫ୍ ଇକୋନୋମୀ ଶୀର୍ଷକ କର୍ମଶାଳାକୁ ଭାରତ ସରକାରଙ୍କ ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍ ଏବଂ ଷ୍ଟିଲ୍ ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାକୁ ଇସ୍ପାତ ମନ୍ତ୍ରଣାଳୟ, ଇକୋନୋମୀ ଟ୍ରେଡ୍ ଏବଂ ଇଣ୍ଡିଆନ୍ ବିଭାଗ, ଜାପାନ ସରକାର ଏବଂ କନଫେରେଡେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ସହ ସହଯୋଗୀତାରେ ଆୟୋଜନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଜାପାନକୁ ଆମର ସହଯୋଗୀ ଦେଶ ଭାବରେ ନେଇ ଇସ୍ପାତ ଶିଳ୍ପ କ୍ଷେତ୍ରରେ ଓଡିଶାକୁ ପୂର୍ବୋଦୟର ସ୍ନାୟୁ କେନ୍ଦ୍ର ଭାବରେ ଗଢି ତୋଳିବାର ଲକ୍ଷ୍ୟ ରଖିଛୁ। ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ "ମିଶନ ପୂର୍ବୋଦୟ"କୁ ସବୁଜ ସଙ୍କେତ ଦେଇ ସାରିଲେଣି। ଏହି ମିଶନ୍ ପୂର୍ବୋଦୟରେ ପୂର୍ବ ଭାରତ ଦେଶର ବିକାଶକୁ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଭାରତର ଅର୍ଥନୀତିକୁ ୫ଟ୍ରିଲିୟନ୍ ଡଲାର ଦିଗରେ ଆଗେଇ ନେବ।

ଏହି ଉଦ୍ୟୋଗ ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଭାରତରେ ଇସ୍ପାତର କିଭଳି ବ୍ୟବହାର ବୃଦ୍ଧି କରାଯାଇପାରିବ। ସେଥିପାଇଁ ଆମେ ଅନେକ କର୍ମଶାଳା ଆୟୋଜିତ କରୁଛୁ। ଆମେ ସଠିକ୍ ଭାବେ ଜାପାନକୁ ଚୟନ କରିଛୁ ଯିଏକି ଆମକୁ କ୍ୱାଲିଟେଟିଭ୍ ଏବଂ କ୍ୱାନ୍ଟିଟେଟିଭ୍ ଉଭୟ କ୍ଷେତ୍ରରେ ଭାରତର ଇସ୍ପାତ ଇକୋସିଷ୍ଟମକୁ ବୃହତର କରିବାରେ ଦିଶାନିର୍ଦ୍ଦେଶ କରିପାରିବେ। ଜାପାନ ଓ ଓଡିଶା ସଂପର୍କ ସମ୍ବନ୍ଧରେ ଶ୍ରୀ ପ୍ରଧାନ କହିଲେ, ଜାପାନ ଓଡିଶାର ସଂପର୍କ ଅନେକ ପୁରୁଣା। ଓଡିଶାର ଧଉଳି ସ୍ତୁପ୍ ଜାପାନର ସହାୟତାରେ କରାଯାଇଥିବା ଏହି ଦୁଇ ସଭ୍ୟତା ମଧ୍ୟରେ ସଂପର୍କର ଏକ ବଳିଷ୍ଠ ଉଦାହରଣ। ଆଜି ଅନେକ ଦଶକ ପରେ ଆମେ ପୂନର୍ବାର ଏଠାରେ ଏକତ୍ରିତ ହୋଇଛୁ ଏକ ନୂଆ ଇତିହାସ ଲେଖିବାକୁ। ଜାପାନ ଓ ଓଡିଶାର ସହଭାଗିତାରେ ଆମେ ଇସ୍ପାତ ଶିଳ୍ପ କ୍ଷେତ୍ରରେ ସଂବୃଦ୍ଧିର ଏକ ନୂତନ ଅଧ୍ୟାୟ ଲେଖିବୁ।

ପୂର୍ବଭାରତ ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ, ପୂର୍ବଭାରତର ସମାଜ ସମୃଦ୍ଧି ଦିଗରେ ଅଗ୍ରଗତି କରୁଛି। ଏଠାକାର ଲୋକମାନଙ୍କର ଖର୍ଚ୍ଚ କରିବାର କ୍ଷମତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଭାରତର ଅର୍ଥନୀତି ବିକାଶରେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭାରତକୁ ୫ଟ୍ରିଲିୟନ୍ ଡଲାରର ଅର୍ଥନୀତି ବଢେଇବା ପାଇଁ ପୂର୍ବଭାରତର ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବା। ଓଡିଶା ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ, ଓଡିଶାରେ ରେଲୱେ, ରାସ୍ତା, ଏୟାରପୋର୍ଟ, ପାଇପଲାଇନ୍, ବ୍ରିଜ୍ ଆଦି ନିର୍ମାଣ ଏବଂ ଇନ୍‌ଫ୍ରାଷ୍ଟ୍ରକଚର୍ କ୍ଷେତ୍ରରେ ୫ବିଲିୟନ୍ ଡଲାର ଖର୍ଚ୍ଚ କରାଯାଉଛି। ଓଡିଶାରେ ୧୦୦% ଇଲେକଟ୍ରିଫିକେସନ୍ କାର୍ଯ୍ୟ ସରିଲାଣି। ଗରିବ ଶ୍ରେଣୀର ଲୋକଙ୍କୁ ୮କୋଟି ନୂତନ ଏଲପିଜି କନେକସନ୍ ଦିଆ ସରିଲାଣି। ନୂତନ ଜେନେରେସନ୍‌ର ଇନ୍‌ଫ୍ରାଷ୍ଟ୍ରକଚର୍ ଏବଂ ଅର୍ଥନୀତିକୁ ଅଗ୍ରସର କରିବା ନିମନ୍ତେ ଆମର ଅନେକ ମହତ୍ୱାକାଂକ୍ଷୀ ଯୋଜନା ସବୁ ରହିଛି। ଓଡିଶାରେ ଇସ୍ପାତ ଶିଳ୍ପର ବିକାଶ ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ, ଆଜି ଓଡିଶା ଦେଶର ସର୍ବାଧିକ ଇସ୍ପାତ ଉତ୍ପାଦନ କରୁଥିବା ରାଜ୍ୟ। ଆମେ ରାଜ୍ୟର ଇସ୍ପାତ ଇକୋସିଷ୍ଟମକୁ ସମୃଦ୍ଧ କରିବା ନିମନ୍ତେ କାମ କରୁଛୁ। ୨୦୩୦ମସିହା ମଧ୍ୟରେ ଓଡିଶାର ଇସ୍ପାତ ଉତ୍ପାଦନ ବାର୍ଷିକ ୧୦୦ମେଟ୍ରିକ୍ ଟନରେ ପହଂଚିବା ନିଶ୍ଚିତ। ମିଶନ୍ ପୂର୍ବୋଦୟ ଓଡିଶା ସ୍ନାୟୁକେନ୍ଦ୍ର ହେବାକୁ ଯାଉଛି। ପୂର୍ବ ଭାରତର କଳିଙ୍ଗନଗର ସମସ୍ତ ଶିଳ୍ପ କ୍ଷେତ୍ରର ଏକ ମୁଖ୍ୟ କେନ୍ଦ୍ର ହେବ। ଇଣ୍ଡଷ୍ଟ୍ରି ସହଯୋଗୀତାରେ ଆମେ ପ୍ରାଇମେରୀ ଷ୍ଟିଲ ଉତ୍ପାଦନ ଛଡା ଆନସିଲାରୀ, ଭାଲ୍ୟୁ ଆଡେଡ୍ ପ୍ରଡକ୍ଟସ୍, କ୍ୟାପିଟାଲ ଗୁଡ୍‌ସ ଆଦିର ଉତ୍ପାଦନ ଆରମ୍ଭ କରିବୁ।

ଏହି ଅବସରରେ ଭାରତରେ ଜାପାନର ରାଷ୍ଟ୍ରଦୂତ ସାତୋଷୀ ସୁଜୁକି କହିଲେ, ଓଡିଶାକୁ ଆସି ମୁଁ ଖୁବ୍ ଆନନ୍ଦିତ। ଭାରତ ବର୍ତମାନ ୫ଟ୍ରିଲିୟନ୍ ଅର୍ଥନୀତି ଦିଗକୁ ଦ୍ରୁତଗତିରେ ଆଗେଇ ଚାଲିଛି। ଏହା ଭାରତ ସହ ସହଯୋଗୀ ହୋଇ ଆମର ଅଭିଜ୍ଞତା ଆଦାନ ପ୍ରଦାନ କରିବାର ସଠିକ୍ ସମୟ। ଜାପାନର କମ୍ପାନୀମାନେ ଭାରତୀୟ କମ୍ପାନୀ ସବୁ ସହ ଅଧିକରୁ ଅଧିକ ସଂଖ୍ୟାରେ ସହଯୋଗୀତା କରିବା ଆରମ୍ଭ କଲେଣି। ଇସ୍ପାତ ଶିଳ୍ପ କ୍ଷେତ୍ରରେ ଆନୁଷଙ୍ଗିକ ବିକାଶ ନିମନ୍ତେ ଦୁଇ ଦେଶ ଇଣ୍ଡିଆ ଜାପାନ ଷ୍ଟିଲ ଡାଇଲଗ୍ ଆରମ୍ଭ ହେବା ଆମ ପାଇଁ ଏକ ଖୁସିର ଖବର।

ଭାରତୀୟ ଆଇରନ୍ ଓରର ଜାପାନର ଅର୍ଥନୀତି ଉପରେ ପ୍ରଭାବ ସମ୍ବନ୍ଧରେ ଶ୍ରୀ ସୁଜୁକି କହିଲେ, ଭାରତରୁ ମୁଖ୍ୟତଃ ଓଡିଶାରୁ ହେଉଥିବା ଆଇରନ ଓରର ରପ୍ତାନୀ ଜାପାନକୁ ଅର୍ଥନୈତିକ ଶକ୍ତି ବୃଦ୍ଧି କରିବାରେ ଅନେକ ସହାୟକ ହୋଇଛି।

ଦି ନ୍ୟାସନାଲ ସେଂଟର ଫର୍ ପରଫର୍ମିଂ ଆର୍ଟସ (ଏନ୍‌ସିପିଏ) ଉପସ୍ଥାପନ କରୁଛି ଲିଭିଂ ଟ୍ରାଡିସନ୍‌ସ

ଭୁବନେଶ୍ୱର: ଭାରତର ପୁରାତନ ସାଂସ୍କୃତିକ ପ୍ରତିଷ୍ଠାନ, ଦି ନ୍ୟାସନାଲ ସେଂଟର ଫର୍ ପରଫର୍ମିଂ ଆର୍ଟସ (ଏନ୍‌ସିପିଏ) ତାହାର 'ଲିଭିଂ ଟ୍ରାଡିସନ୍‌ସ' (ପ୍ରବହମାନ ପରମ୍ପରା)ର ଦ୍ୱାଦଶ ସଂସ୍କରଣକୁ ନେଇ ଆସିଛି, ଯାହା ଭାରତର ବିଭିନ୍ନ ଅଞ୍ଚଳର ଲୋକ ପରମ୍ପରା ପ୍ରଦର୍ଶନର ସମ୍ପ୍ରତି ଚାଲିଥିବା ଏକ ସିରିଜ। ଚଳିତ ବର୍ଷ ଦେଶର ପୂର୍ବଭାଗରେ ଅବସ୍ଥିତ ରାଜ୍ୟ ଓଡ଼ିଶା କେନ୍ଦ୍ରବିନ୍ଦୁ ହୋଇଛି, ଯାହାର ପ୍ରାକ୍‌ଐତିହାସିକ ସମ୍ପର୍କ ରହିଛି ଏବଂ ଏହା ସାଂସ୍କୃତିକ ଐତିହ୍ୟରେ ସମୃଦ୍ଧ। ଏନ୍‌ସିପିଏ, ମୁମ୍ବାଇରେ ୬ ଓ ୭ ମାର୍ଚ୍ଚ, ୨୦୨୦ରେ ଏହି ରାଜ୍ୟର ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶନ କରାଯିବ। ଏହି ଅଞ୍ଚଳର ସଂଜାତୀୟ ବିବିଧତା ବିବିଧ ନୃତ୍ୟକଳା, ବୟନଶିଳ୍ପ ଏବଂ ଏହାର ଦୃଶ୍ୟ ଓ ସ୍ଥାପତ୍ୟଭିତ୍ତିକ କଳାରେ ପର୍ଯ୍ୟାପ୍ତ ଭାବେ ପ୍ରତିଫଳିତ ହେଉଛି। କଳାତ୍ମକ ଉପସ୍ଥାପନା ରଙ୍ଗୀନ ପୋଷାକ, ଆନୁସଙ୍ଗିକ ବେଶଭୂଷା, ସରଳ ଉପକରଣ ଏବଂ କୁଶଳୀ ଶାରୀରିକ ଗତିଶୀତଳା ସମେତ ଯାଦୁକରୀ କଳାତ୍ମକ ଅଙ୍ଗଭଙ୍ଗୀରେ ବର୍ଣ୍ଣିତ ହୋଇଥାଏ। ଗୋଦରେଜ ଇଣ୍ଡଷ୍ଟ୍ରିଜ ସହଯୋଗରେ, ଦୁଇଦିନ ଧରି, ଓଡ଼ିଶାର ପଶ୍ଚିମ, ପୂର୍ବ ଏବଂ ଦକ୍ଷିଣାଞ୍ଚଳ ଯଥା ବଲାଙ୍ଗୀର, ପୁରୀ ଓ ମୟୂରଭଞ୍ଜର ଛଅଟି ଖ୍ୟାତିସମ୍ପନ୍ନ ଦଳ ସଂଗୀତ, ନୃତ୍ୟ ଏବଂ ଲୋକ ନାଟକ ପ୍ରତ୍ୟେକରୁ ଦୁଇଟି ରୂପ ପ୍ରଦର୍ଶନ କରିବେ। ଉପସ୍ଥାପନା ସହିତ ବିଶିଷ୍ଟ ଲୋକକଥା ଗବେଷକ ଶ୍ରୀ ରାକେଶ ତିୱାରୀଙ୍କ ଦ୍ୱାରା ହିନ୍ଦୀ ଭାଷାରେ ବର୍ଣ୍ଣନା କରାଯିବ। ଏଥିସହିତ ଏନ୍‌ସିପିଏ ପକ୍ଷରୁ ଓଡ଼ିଶାର ପ୍ରମୁଖ କଳାତ୍ମକ ରୂପ ଏବଂ ପିଲାମାନଙ୍କ ଦ୍ୱାରା କରାଯାଇଥିବା ପେଣ୍ଟିଂ ପ୍ରଦର୍ଶନ କରାଯିବ।ଏହି ଉତ୍ସବ ସମ୍ପର୍କରେ ପ୍ରକାଶକରି ଡଃ.ସୁବର୍ଣ୍ଣଲତା ରାଓ, ଏନ୍‌ସିପିଏର ଭାରତୀୟ ସଂଗୀତ ବିଭାଗର ପ୍ରୋଗ୍ରାମିଂ ମୁଖ୍ୟ କହିଛନ୍ତି, "ଦି ନ୍ୟାସନାଲ ସେଂଟର ଫର୍ ପରଫର୍ମିଂ ଆର୍ଟସ (ଏନ୍‌ସିପିଏ)ରେ ଆମେ ସମଗ୍ର ଦେଶର ଲୋକକଥାକାର ଏବଂ ପ୍ରତିଭାମାନଙ୍କୁ ସଂରକ୍ଷିତ କରି ରଖିବାକୁ ପ୍ରତିଶ୍ରୁତିବଦ୍ଧ। ଭାରତୀୟ ଶାସ୍ତ୍ରୀୟ ସଂଗୀତର ବିବର୍ତ୍ତନ ଆଞ୍ଚଳିକ ଲୋକ ସଂଗୀତ ଏବଂ ତାଳ ଦ୍ୱାରା ପ୍ରଭାବିତ ହୋଇଛି। ଚଳିତ ବର୍ଷ, ଲିଭିଂ ଟ୍ରାଡିସନ୍‌ସ (ପ୍ରବହମାନ ପରମ୍ପରା) ସମୃଦ୍ଧ ରାଜ୍ୟ ଓଡ଼ିଶା ଉପରେ ଦୃଷ୍ଟିନିବଦ୍ଧ କରିବ, ଯେଉଁ ରାଜ୍ୟ ବିପୁଳ ପ୍ରାକୃତିକ ସମ୍ପଦ ଏବଂ ବିବିଧ ବନସ୍ପତି ଓ ଜୀବଜଗତରେ ସମୃଦ୍ଧ। ଆମେ ସଂଗୀତ, ନାଟକ ଏବଂ ନୃତ୍ୟ ରୂପରେ ରାଜ୍ୟର ସଂସ୍କୃତିକୁ ଉପସ୍ଥାପନ କରିବାକୁ ଚାହୁଁଛୁ।" ୬ ମାର୍ଚ୍ଚ, ୨୦୨୦ରେ ନୀଳାଞ୍ଚଳ ନନ୍ଦ ଓ ଢୋଲମହୁରୀ କଳାପରିଷଦର ସଦସ୍ୟମାନଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶା, ବିଶେଷକରି ବଲାଙ୍ଗୀର ଅଞ୍ଚଳରେ ପ୍ରଚଳିତ ଲୋକ ସଂଗୀତ ଆଧାରରେ ଆଧ୍ୟାତ୍ମିକ ସଂଗୀତ ପରିବେଷଣ କରିବେ। ଏହି ସଂଗୀତ ଉଭୟ ଦେବ ଓ ଦେବୀଙ୍କ ସ୍ତୁତିଗାନ ହେବ।ପରବର୍ତ୍ତୀ ଉପସ୍ଥାପନାରେ ଦୟାସାଗର ଏବଂ ଗ୍ରୁପ୍ ଦ୍ୱାରା ମୟୂରଭଞ୍ଜ ଛଉନୃତ୍ୟ ପ୍ରଦର୍ଶିତ ହେବ, ଏହା ଏକକ ଅଥବା ଦ୍ୱୈତ ଅଥବା ଗ୍ରୁପ୍ ଆକାରରେ ପରିବେଷଣ କରାଯିବ, ଯାହା ମୁଖ୍ୟତଃ ବୀରଗାଥା ଏବଂ ଭୟାର୍ତ୍ତ ମନୋଭାବ ରୂପରେ ପ୍ରକାଶିତ ହେବ। ଗୀତଗୁଡିକ ପାରମ୍ପରିକ ଲୋକସ୍ୱର ଧୂନ୍ ଉପର ଆଧାରିତ ଏବଂ ସେଥିରେ ମହୁରୀ ଓ ଢୋଲ, ଧୁମ୍‌ସା ଭଳି ବାଦ୍ୟ ସ୍ଥାନପାଇବ। ଏହି ଗ୍ରୁପ୍ ଅଷ୍ଟାଦଶ ଶତାବ୍ଦୀରେ ମୟୂରଭଞ୍ଜ ଅଞ୍ଚଳର ଜଙ୍ଗଲ ମଧ୍ୟରୁ ସୃଷ୍ଟି ହୋଇଛନ୍ତି, ନୃତ୍ୟକଳାରେ ସାମରିକ କଳାର କିଛି ଅଂଶ ସନ୍ନିବେଶିତ ହୋଇଛି। ଅନ୍ୟ ଛଉ ପରମ୍ପରା ଭଳି ଏଥିରେ ମୁଖାର ବ୍ୟବହାର ହୁଏନାହିଁ, କେବଳ ମୁହଁ ଓ ଶରୀରର ଅଙ୍ଗଭଙ୍ଗୀ ଜରିଆରେ ଚରିତ୍ରର ପ୍ରଦର୍ଶନ ଉପରେ ପ୍ରାଧାନ୍ୟ ଦିଆଯାଏ। ଯଦିଓ ଅନେକ ଅଧ୍ୟାୟ ରାମାୟଣ ଓ ମହାଭାରତ ଭଳି ମହାକାବ୍ୟ ଉପରେ ଆଧାରିତ, କିଛି ରୂପ ମଧ୍ୟ ଦିନ ମଜୁରିଆ ଏବଂ ମତ୍ସ୍ୟଜୀବୀଙ୍କର କଷ୍ଟକର ଜୀବନଶୈଳୀକୁ ପ୍ରଦର୍ଶିତ କରିଥାଏ। ପ୍ରଥମ ଦିବସ ଶେଷରେ, ଲୋକନାଟ୍ୟ-ଅନ୍ୱେଷଣ ଦ୍ୱାରା ରାହା ପ୍ରଦର୍ଶିତ ହେବ। ଏହି ଲୋକ ନାଟକ ଦୁଇଜଣ ବ୍ୟକ୍ତିଙ୍କ ସାକ୍ଷାତରୁ ଆରମ୍ଭ ହେଉଛି, ସେମାନଙ୍କ ମଧ୍ୟରୁ ଜଣେ ସହରରେ ଏବଂ ଅନ୍ୟ ଜଣକ ଜଙ୍ଗଲରେ ବାସ କରୁଛନ୍ତି। ଅନ୍ୟ ଚରିତ୍ରଗୁଡିକ ମଧ୍ୟରେ ଏହି କାହାଣୀ ପ୍ରଥା, ପର୍ବପର୍ବାଣୀ ଏବଂ ପ୍ରକୃତି ସହିତ ଏକହୋଇ ବାସ କରୁଥିବା ଗ୍ରାମାଞ୍ଚଳ ଜନସାଧାରଣଙ୍କର ନୈତିକତା ଲୋକଲୋଚନକୁ ଆଣୁଛି। ୭ ମାର୍ଚ୍ଚ, ୨୦୨୦ରେ ଦୁର୍ଗାପ୍ରସାଦ ବାରିକ ଏବଂ ଭକ୍ତି ସଂଧ୍ୟା ସଦସ୍ୟମାନଙ୍କ ଦ୍ୱାରା ଲୋକ ସଂକୀର୍ତ୍ତନ ଅନୁଷ୍ଠିତ ହେବ।

ଟ୍ୟାଲୀ ସଲ୍ୟୁସନ୍ ପକ୍ଷରୁ ଟ୍ୟାଲୀ ଡଟ୍ ଇଆରପି-୯ର ବ୍ରାଉଜର ଆକ୍ସେସ୍‌ଯୁକ୍ତ ୬.୬ ଉନ୍ମୋଚିତ

ଭୁବନେଶ୍ୱର : ଅଗ୍ରଣୀ ଭାରତୀୟ ସଫ୍ଟୱେର ଉତ୍ପାଦ କମ୍ପାନୀ ଟ୍ୟାଲୀ ସଲ୍ୟୁସନ୍ ପକ୍ଷରୁ ଏହାର ସଫ୍ଟୱେର ଟ୍ୟାଲୀ ଡଟ୍ ଇଆରପି-୯ର ବ୍ରାଉଜର ଆକ୍ସେସ୍ ଯୁକ୍ତ-୬.୬ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା ବ୍ୟବସାୟୀମାନେ ସହଜରେ ବିସ୍‌ନେସ୍ ଆକ୍ସେସ୍ କ୍ରିଟିକାଲ ବିଜ୍‌ନେସ୍ ଡାଟା ଯେକୌଣସି ସ୍ଥାନରେ ଯେକୌଣସି ଡିଭାଇସ୍‌ରେ ସୁରକ୍ଷିତ ଭାବେ ତଥା ବ୍ୟକ୍ତିଗତ ଭାବେ ସମ୍ପନ୍ନ କରିପାରିବେ। ଏହାଦ୍ୱାରା ବିଜ୍‌ନେସ୍ ରିପୋର୍ଟ ଏବଂ ଇନଭଏସ୍ ଆଦିର କାର୍ଯ୍ୟ ପ୍ରଣାଳୀ ସହଜ ହୋଇପାରିବ।ଏହି ଅବସରରେ ଟ୍ୟାଲୀ ସଲ୍ୟୁସନ୍‌ର ପୂର୍ବାଂଚଳ ଜୋନ୍ ଜେନେରାଲ ମ୍ୟାନେଜର ଶ୍ରୀ ସୁଦିପ୍ତ ଦତ କହିଲେ, "ଟ୍ୟାଲୀ ଡଟ୍ ଇଆରପି-୯ର ବ୍ରାଉଜର ଆକ୍ସେସ୍ ଯୁକ୍ତ-୬.୬ର ଶୁଭାରମ୍ଭ କରି ବେଶ୍ ଆନନ୍ଦିତ। ଏହା ଏସ୍‌ଏମ୍‌ଇ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ବ୍ୟବସାୟକୁ ଏକ ସୁସଂଗଠିତ ଉପାୟରେ ସହାୟତା ପ୍ରଦାନ କରିବ। ଏହା ସହିତ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ବ୍ରାଉଜର ଆକ୍ସେସ୍ ଯୁକ୍ତ-୬.୬ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ।ସମ୍ପ୍ରତି ଦୁନିଆ ଅଧିକରୁ ଅଧିକ କ୍ଲାଉଡ୍ ଜ୍ଞାନକୌଶଳ ପ୍ରତି ଆକର୍ଷିତ ହେଉଥିବାବେଳେ କାର୍ଯ୍ୟାଳୟ ବାହାରେ ମଧ୍ୟ ବ୍ୟବସାୟିକ ଡାଟା ସମ୍ପର୍କିତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବ୍ରାଉଜର ଆକ୍ସେସ୍ ଯୁକ୍ତ-୬.୬ ବେଶ୍ ସହାୟକ ହୋଇପାରିବ। ଏହା ଅତ୍ୟନ୍ତ ସହଜ ତଥା ସୁରକ୍ଷିତ।ବ୍ରାଉଜର ଆକ୍ସେସ୍ ଯୁକ୍ତ-୬.୬ ଏନ ନୂତନ ବ୍ୟବସାୟିକ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହୋଇପାରିବ। ଏହାଦ୍ୱାରା ବାଲାନ୍ସ ଶିଟ୍, ଲାଭ-କ୍ଷତି, ଷ୍ଟକ୍ ସମ୍ପର୍କିତ ତଥ୍ୟ, ବିଲ୍ ପୈଠ/ଗ୍ରହଣ ଆଦି ରିପୋର୍ଟ ସହଜରେ ସମ୍ପନ୍ନ ହୋଇପାରିବ। ଏହାଦ୍ୱାରା ପ୍ରତି ରିପୋର୍ଟ ପିଡିଏଫ୍‌ରେ ପରିବର୍ତ୍ତିତ ହେବା ସହିତ ବିଭିନ୍ନ ଲୋକଙ୍କ ପାଖକୁ ବ୍ୟକ୍ତିଗତ ଭାବେ ପଠାଯାଇପାରିବ। ସୂଚନା ଯୋଗ୍ୟ ଯେ, ଟ୍ୟାଲୀ ସଲ୍ୟୁସନ୍ ପ୍ରାଃ.ଲିଃ. ସଫ୍ଟୱେର ଉତ୍ପାଦ ବ୍ୟବସାୟ କ୍ଷେତ୍ରରେ ୧୯୮୬ ଠାରୁ ବିଶେଷ ଖ୍ୟାତି ହାସଲ କରିବାକୁ ସକ୍ଷମ ହୋଇପାରିଛି। ପ୍ରଯୁକ୍ତି ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ କମ୍ପାନୀ ଗତ ତିନି ଦଶନ୍ଧି ଧରି କାର୍ଯ୍ୟ ଜାରି ରଖିଛି। ଏହା ପୃଥିବୀର ୨ ନିୟୁତରୁ ଅଧିକ ବ୍ୟବସାୟୀଙ୍କ ବିଶ୍ୱାସନୀୟତା ହାସଲ କରିପାରିଛି। ସମ୍ପ୍ରତି ବିଶ୍ୱର ୧୦୦ଟି ଦେଶରେ ଏହାର ୬ ନିୟୁତରୁ ଅଧିକ ବ୍ୟବହାରକାରୀ ରହିଛନ୍ତି। ଭାରତରେ ଏହାର ୨୫,୦୦୦ରୁ ଅଧିକ ଅଂଶୀଦାର ରହିଛନ୍ତି। ଟ୍ୟାଲୀ ଦ୍ୱାରା ସେମାନେ ଚିନ୍ତାମୁକ୍ତ ଭାବେ ବ୍ୟବସାୟିକ କାର୍ଯ୍ୟ ଜାରି ରଖିଛନ୍ତି।

ପିଏ-ଆଇଏସ୍‌ଏଲ୍ ନେକ୍ସ୍ଟ ଜେନେରେସନ ମୁମ୍ବାଇ ଟ୍ରଫି ଫାଇନାଲ ବିଜେତାଙ୍କୁ ନୀତି ଆୟନୀ ପୁରସ୍କାର ପ୍ରଦାନ କରୁଛନ୍ତି

ବିଶିଷ୍ଟ ସମାଜସେବୀ ରାଧାକାନ୍ତଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର, (ପିଏନ)-ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଗରିବ ଅବହେଳିତ ଲୋକମାନଙ୍କର ଆର୍ଥିକ ଉନ୍ନତି ଓ ଅଧିକାର ପାଇଁ କାମ କରିଥିବା ଜଣାଶୁଣା ସମାଜସେବୀ ରାଧାକାନ୍ତ ଦାସ ଆଜିର ଯୁବ ସମାଜ ଲାଗି ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ବହୁ ବିଶିଷ୍ଟ ବକ୍ତା ମତବ୍ୟକ୍ତ କରିଛନ୍ତି। ରବିବାର ଅପରାହ୍ନରେ ସ୍ଥାନୀୟ କଳିଙ୍ଗବିହାର ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆତ୍ମଶକ୍ତି' କାର୍ଯ୍ୟାଳୟ ପରିସରରେ ବିଶିଷ୍ଟ ସମାଜସେବୀ ରାଧାକାନ୍ତ ଦାସଙ୍କର ୪ର୍ଥ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଅନୁଷ୍ଠିତ ସଭାରେ ସ୍ୱର୍ଗତଃ ଦାସଙ୍କ ସମାଜସେବା କାର୍ଯ୍ୟକ୍ରମ ଏବଂ ଗରିବ ଅବହେଳିତ ଲୋକମାନଙ୍କ ଉନ୍ନତି ପାଇଁ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଆତ୍ମଶକ୍ତିର ପ୍ରୋଗ୍ରାମ ମ୍ୟାନେଜର ଅରୁଣ ଦିହୁଡ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ପରିବେଶବିତ୍ ପଦ୍ମଶ୍ରୀ ପ୍ରଫେସର ରାଧା ମୋହନ, ମିଶନ ଜଷ୍ଟିସ୍‌ର ଚିଫ ଏକ୍‌ଜିକ୍ୟୁଟିଭ୍ ତପନ ପାଢ଼ୀ, ଆତ୍ମଶକ୍ତି ନିର୍ଦ୍ଦେଶକ ସୁଶ୍ରୀ ରୁଚି, ସମାଜସେବୀ ଦାଶରଥୀ ସେନାପତି, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ପରେଶ କୁମାର ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ପ୍ରତିଭା ଓ ଅବଦାନ ଉପରେ ଆଲୋକପାତ କରିଥିଲେ। 'ଆତ୍ମଶକ୍ତି' ସଂଗଠନର ସମସ୍ତ ପ୍ରତିନିଧି ଏବଂ 'ସମୂହ ବିକାଶ'ର ପୂର୍ବତନ କର୍ମଚାରୀମାନେ ଏହି ସଭାରେ ଯୋଗ ଦେଇଥି